ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ⁄ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 28 | 9 - 15 July 2023 | Sambalpur | Page- 8 | Invitation Price Rs.10

# ସାମ୍ବାଦିକତା ବୃତ୍ତି ନୁହେଁ, ଏକ ମିଶନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଆ ସାମ୍ବାଦିକଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ଯୋଜନା ତଥା ସାମ୍ବାଦିକ କଲ୍ୟାଣ ଯୋଜନାର ୱେବ ପୋର୍ଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଯୋଗେ ଲୋକାର୍ପଣ କରିଛନ୍ତି । ଅଫଲାଇନରେ ହେଉଥିବା ସ୍ୱାସ୍ଥ୍ୟ ବୀମା ପଞ୍ଜୀକରଣ ଯୁଗର ଅନ୍ତ ଘଟିଛି । ସାମ୍ବାଦିକମାନଙ୍କୁ ବୀମା ଯୋଜନାରେ ସାମିଲ ହେବା ପାଇଁ ଜିଲ୍ଲା କିମ୍ବା ରାଜ୍ୟସ୍ତରୀୟ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ । ଅନଲାଇନରେ ପୋର୍ଟାଲ ମାଧ୍ୟମରେ ଆବଶ୍ୟକୀୟ ଇ-ଦସ୍ତାବିଜ ଦାଖଲ କରି ସାମ୍ବାଦିକମାନେ ସରକାରଙ୍କର ଏହି ଯୋଜନାର ହିତାଧିକାରୀ ହୋଇ ପାରିବେ । ଏହି ଅନଲାଇନ ପୋର୍ଟାଲର ନାମ ରହିଛି- ଓଡ଼ିଶା କାର୍ଯ୍ୟରତ ସାମ୍ବାଦିକ କଲ୍ୟାଣ ଯୋଜନା ଆବେଦନ । ଏହି ପୋର୍ଟାଲରେ ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ସମେତ ସାମ୍ବାଦିକଙ୍କୁ ଆର୍ଥିକ ସହାୟତା ଓ ପେପର ହକରଙ୍କ ପଞ୍ଜୀକରଣ ନିମନ୍ତେ ଆବେଦନ କରାଯାଇ ପାରିବ । ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ଏହି ପୋର୍ଟାଲକୁ ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ ଶ୍ରୀପଟ୍ଟନାୟକ କହିଥିଲେ ଯେ '୫-ଟି' ନୀତି ଉପରେ ଗୁରୁତ୍ୱ ଦେଇ ଏହି ପୋର୍ଟାଲକୁ ପ୍ରସ୍ତୁତ କରାଯାଇଛି । ଦେଶ ତଥା ରାଜ୍ୟରେ କାମ କରୁଥିବା ସମସ୍ତ ଓଡ଼ିଆ ସାମ୍ବାଦିକମାନେ ସରକାରଙ୍କର ଏହି କଲ୍ୟାଣକାରୀ ଯୋଜନାର



ସୁବିଧା ନେଇପାରିବେ । ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା କରିଛନ୍ତି । ଚିକିତ୍ସା ପାଇଁ ସାମ୍ବାଦିକ ଓ ତାଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି । ସେହିଭଳି ସାମ୍ବାଦିକଙ୍କ ମୃତ୍ୟୁ ଘଟିଲେ ୪ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଦିଆଯାଉଛି । ସାମ୍ବାଦିକତା ଏକ ବୃତ୍ତି ନୁହେଁ ମିଶନ । ସାମ୍ବାଦିକମାନେ ସଚେତନ ସମାଜ ଗଠନ ନେଇ କାର୍ଯ୍ୟ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ।

ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏଥିରେ ଯୋଗଦେଇ କହିଥିଲେ ଯେ, ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିକଟରେ ପ୍ରତ୍ୟହ ଅନେକ ଆହ୍ୱାନ ରହୁଛି । ପ୍ରାକୃତିକ ବିପର୍ଯ୍ୟୟ ଓ କୋଭିଡ୍ ମହାମାରୀ ସମୟରେ ସାମ୍ବାଦିକମାନେ ସାହସର ସହ ଦାୟିତ୍ୱ ସମ୍ପାଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ସାମ୍ବାଦିକଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଲାଗୁ ହୋଇଥିବା ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଏହି ପୋର୍ଟାଲ ଉନ୍ମୋଚିତ ହୋଇଛି ।

ସୂଚନା ଓ ଲୋକସମ୍ପର୍କ ସଚିବ ସଞ୍ଜୟ ସିଂ କହିଥିଲେ ଯେ, ସାମ୍ବାଦିକମାନଙ୍କୁ ସୁବିଧାରେ ସ୍ୱାସ୍ଥ୍ୟ ବୀମା ଯୋଜନା ଓ ଆର୍ଥିକ ସହାୟତା ଯୋଜନା ଉପଲବ୍ଧ କରାଇବା ଲକ୍ଷ୍ୟରେ ଏହି ପୋର୍ଟାଲକୁ ଉନ୍ମୋଚନ କରାଯାଇଛି । ଏହା ସମ୍ପୂର୍ଣ୍ଣ ଭାବେ ଅନଲାଇନ ମୋଡ୍‌ରେ କାମ କରିବ । ଘରେ ବସି ସାମ୍ବାଦିକମାନେ ଆପ୍ଲିକେସନ ଦାଖଲ କରାଇ ପାରିବେ । ଅନ୍ୟପକ୍ଷରେ ସରକାରଙ୍କ ପାଖରେ ଡାଟାବେସ୍ ଷ୍ଟୋର ହେବ । ପ୍ରତିବର୍ଷ ଦସ୍ତାବିଜକୁ ଦାଖଲ କରିବାକୁ ପଡ଼ିବ ନାହିଁ । ପ୍ରଥମ ବର୍ଷ ପରେ ତଥ୍ୟ ସରକାରଙ୍କ ପାଖରେ ରହିଲା । ଯାହା ପୋର୍ଟାଲରେ ପ୍ରଦର୍ଶିତ ହେବ । ଦ୍ୱିତୀୟ ବର୍ଷଠାରୁ ସାମ୍ବାଦିକମାନେ କେବଳ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ଆବେଦନ କରିବେ । ସାନି ଦସ୍ତାବିଜ ଦାଖଲ କରିବାକୁ ପଡ଼ିବ ନାହିଁ । ସେହିଭଳି ଏହି ପୋର୍ଟାଲ ସହ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ଜିଲ୍ଲାପାଳମାନଙ୍କୁ ମଧ ଯୋଡ଼ା ଯିବ । ଯାହା ଫଳରେ କର୍ମଜୀବୀ ସାମ୍ବାଦିକମାନଙ୍କୁ ଯାଞ୍ଚ କରିବାରେ ସମସ୍ୟା ହେବ ନାହିଁ । ଏହି କାର୍ଯ୍ୟକ୍ରମରେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପୋର୍ଟାଲ ଲୋକର୍ପଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଓ ଯୁଗ୍ମ ନିର୍ଦ୍ଦେଶକ ଗୁରୁବୀର ସିଂ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ସମସ୍ତ ଜିଲ୍ଲାର ସୂଚନା ଲୋକସମ୍ପର୍କ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

## ଖୁସିକୁ ଆପଣାଇଲେ ଫିନଲ୍ୟାଣ୍ଡ ମହିଳା

ସମ୍ବଲପୁର: ଫିନଲ୍ୟାଣ୍ଡର ମହିଳା ଲୌରା ଟେଙ୍ଗ ହୁନେନ୍ ହେଲସିଙ୍କିସମ୍ବଲପୁରର ଶିଶୁ କନ୍ୟା 'ଖୁସି'କୁ ଆପଣେଇଛନ୍ତି । ଅନ୍ତର୍ଦେଶୀୟ ପୋଷ୍ୟ



ନିୟମ ଅନୁଯାୟୀ ଜିଲ୍ଲାପାଳ ଅନନ୍ୟା ଦାସ ଏନେଇ ଆଦେଶ ପାରିତ କରିଥିଲେ । ଆଦେଶ ଅନୁସାରେ ଖୁସିକୁ ତାର ନୂତନ ମା'ଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହି ସମୟରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ଉପସ୍ଥିତ ରହି ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ହସ୍ତାନ୍ତର ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଉମାକାନ୍ତ ରାଜ, ଡେପୁଟି କଲେକ୍ଟର ମିତାଲି ମଧୁସ୍ମିତା ଦଳେଇ ଓ ଲୋପାମୁଦ୍ରା କାଲୋ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ, ପ୍ରୋଟେକ୍ସନ ଅଧିକାରୀ ବବିତା କର, ରୁକ୍ମିଣୀ ଲାଠ ବାଳ ନିକେତନର ଅଧକ୍ଷ ନଳିନୀ ପ୍ରଧାନ, ସରକାରୀ ଓକିଲ ଅଶୋକ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ମା' ମରିଯିବା ପରେ ୨୦୨୨ ମସିହା ମାର୍ଚ୍ଚ ୧୧ ତାରିଖରେ ବାପା ଶିଶୁ କନ୍ୟାକୁ ରଖିବାକୁ ଅକ୍ଷମତା ପ୍ରକାଶ କରି ପ୍ରଶାସନର ସହାୟତା ଲୋଡ଼ିଥିଲେ । ଶିଶୁ କଲ୍ୟାଣ ସମିତିରେ ଉପସ୍ଥାନ ପରେ ଶିଶୁଟିକୁ ରୁକ୍ମିଣୀ ଲାଠ ବାଳ ନିକେତନ ସ୍ୱତନ୍ତ୍ର ଶିଶୁ ଗୃହ (ସା) ରେ ରଖାଯାଇଥିଲା । ଏବେ ଶିଶୁ କନ୍ୟାକୁ ପ୍ରାୟ ୧ ବର୍ଷ ୬ ମାସ ବୟସ ହୋଇଥିବାବେଳେ ଫିନଲ୍ୟାଣ୍ଡର ଅବିବାହିତ ମହିଳା ତଥା ଡାକ୍ତର ଶିଶୁକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି । ପୂର୍ବରୁ ପରିବାର ଅଦାଲତରେ ବିଚାରପତି ଏନେଇ ନିଷ୍ପତ୍ତି ନେବାସହ ଆଦେଶ ପାରିତ କରୁଥିବା ବେଳେ ପ୍ରଥମଥର ପାଇଁ ଜିଲାପାଳଙ୍କ ଅଦାଲତରେ ଗତ ଜୁନ ୯ ତାରିଖ ଏନେଇ ପୋଷ୍ୟ ନିର୍ଦ୍ଦେଶନାମା ଜାରି ହୋଇଥିଲା । ଏହାପରେ ମହିଳାଙ୍କୁ ଖବରଦେବା ପରେ ସେ ସମ୍ବଲପୁରକୁ ଆସି ଶିଶୁକୁ ନେଇଥିଲେ । ଏହାପୂର୍ବରୁ ସା ଗୃହରୁ ୧୭ଟି ଅନ୍ତର୍ଦେଶୀୟ ଏବଂ ୧୩୦ଟି ଦେଶ ଭିତରେ ପୋଷ୍ୟ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଏହାପୂର୍ବରୁ ୨ଟି ପୋଷ୍ୟ ସନ୍ତାନ ହସ୍ତାନ୍ତର କରାଯାଇଥିଲା ।

## ରାଉରକେଲା ଆହାର କେନ୍ଦ୍ରରେ ଖାଇଲେ ଆର.ଡି.ସି



ରାଉରକେଲା: ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ ରାଉରକେଲା ଗସ୍ତରେ ଆସିଥିବା ସମୟରେ ଶକ୍ତି ନଗର ଠାରେ ଥିବା 'ଆହାର' କିଚେନ ଓ ସେକ୍ଟର ୧୯ ସ୍ଥିତ ଆହାର କେନ୍ଦ୍ର ପରିଦର୍ଶନରେ ଯାଇ ସେଠାରେ ନିଜେ ମଧାହ୍ନ ଭୋଜନ କରିବା ସହ ଖାଉଥିବା ଲୋକଙ୍କୁ ଖାଦ୍ୟର ସ୍ୱାଦ ଏବଂ ମାନ ସମ୍ପର୍କରେ ପଚାରି ବୁଝିଥିଲେ । ଡକ୍ଟର ଦଳାଇ ଆହାର କେନ୍ଦ୍ରରେ ଖାଉଥିବା ଦେଖି ସେଠାରେ ଉପସ୍ଥିତ ଲୋକମାନେ ତାଙ୍କର ପ୍ରଶଂସା କରିଥିଲେ । ତାଙ୍କ ଗସ୍ତ ସମୟରେ ଶ୍ରୀ ଦଳାଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ପରିଦର୍ଶନ ତଥା ଅଗ୍ରଗତିର ସମୀକ୍ଷା କରିଥିଲେ । ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ତଥା ଆରଏମସି କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ପାନପୋଷ ଉପଜିଲ୍ଲାପାଳ ଅଭିମନ୍ୟୁ ମାଝି, ଆରଏମସି ଉପାୟୁକ୍ତ ସୁଧାଂଶୁ ଭୋଇ, ବଣାଇ ଉପଜିଲ୍ଲାପାଳ ସୁରଞ୍ଜନ ସାହୁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରବି ସିଂ ଝାରସୁଗୁଡ଼ା ଓ ପ୍ରଭାସ ସିଂ ବରଗଡ଼ର ହେଲେ ଜିଲ୍ଲା ବିଜେଡି ସଭାପତି

ସମ୍ବଲପୁର : ବିଜୁ ଜନତା ଦଳର ଜଣେ ପୁରୁଖା କର୍ମୀ ତଥା ସ୍ୱର୍ଗତ କିଶୋର ମହାନ୍ତିଙ୍କ ଜଣେ ଘନିଷ୍ଠ ସହଯୋଗୀ ରବି ସିଂଙ୍କୁ ଝାରସୁଗୁଡ଼ା ଜିଲ୍ଲା ବିଜୁ ଜନତା ଦଳ ସଭାପତି ଭାବରେ ନିଯୁକ୍ତି ମିଳିଛି । ଶ୍ରୀ ସିଂ ଦୀର୍ଘବର୍ଷ ହେବ ଦଳର ଉପସଭାପତି ଦାୟିତ୍ୱ ତୁଲାଇ ଆସିଛନ୍ତି । ପୂର୍ବତନ ବିଧାୟକ କିଶୋର ମହାନ୍ତିଙ୍କ ଦେହାନ୍ତ ପରେ ୨୦୨୧ ଡିସେମ୍ବର ୩୦ ତାରିଖରୁ ଜିଲ୍ଲା ବିଜେଡି ସଭାପତି ଆସନ ଖାଲି ରହିଥିଲା । ରବି ସିଂ ଭାସ୍କର ସୂତାକଳରୁ ଟ୍ରେଡ୍ ୟୁନିୟନରୁ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିବା ସହ ଜନତା ଦଳରେ ରହି ଜିଲ୍ଲା ପାଇଁ କାର୍ଯ୍ୟ କରି ଆସିଛନ୍ତି । ବିଜୁ ପଟ୍ଟନାୟକଙ୍କ ଠାରୁ ଅନୁପ୍ରାଣିତ ହୋଇ ଝାରସୁଗୁଡ଼ା ଜିଲ୍ଲାରେ ଯୁବନେତା ଭାବରେ ତାଙ୍କ ରାଜନୈତିକ ସେବା ଆରମ୍ଭ କରିଥିଲେ । ସେହିପରି ବରଗଡ଼ ଲୋକସଭା ଆସନର ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ କୁମାର ସିଂ ବରଗଡ଼ ଜିଲ୍ଲା ବିଜେଡି ସଭାପତି ରୂପେ ନିଯୁକ୍ତି ପାଇଛନ୍ତି । ସୁଶାନ୍ତ ମହାପାତ୍ର (ଜାପାନୀ) ଏହି ଜିଲ୍ଲାରେ କାର୍ଯ୍ୟକାରୀ ସଭାପତି ରୂପେ ଦାୟିତ୍ୱ ତୁଲାଇବେ । ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ପରଲୋକ ହେବାଦିନ ଠାରୁ ପ୍ରାୟ ୯ ମାସ ହେବ ବରଗଡ଼ ଜିଲ୍ଲା ସଭାପତି ପଦ ଖାଲି ପଡିଥିଲା । ତେବେ ଜଣେ ନିର୍ବିବାଦୀୟ ତଥା ଦକ୍ଷ ସଂଗଠକ ରୂପେ ପରିଚିତ ପ୍ରଭାସ ସିଂଙ୍କ ଉପରେ ନିର୍ବାଚନ ପୂର୍ବରୁ ସଂଗଠନକୁ ମଜଭୁତ ଓ ସକ୍ରିୟ କରିବା ପାଇଁ ଦଳ ତାଙ୍କ ଉପରେ ଭରସା ରଖିଛି । ପରଜଙ୍ଗ ବିଧାୟକ ଡ଼ ନୃସିଂହଚରଣ ସାହୁ ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ଓ ଦେବୀ ପ୍ରସାଦ ଭୁତିଆଙ୍କୁ କାର୍ଯ୍ୟକାରୀ ସଭାପତି ନିଯୁକ୍ତି ଦିଆଯାଇଛି । ଢେଙ୍କାନାଳ ଜିଲ୍ଲା ସଭାପତି ଦାୟିତ୍ୱରେ ପୂର୍ବରୁ କାମାକ୍ଷାନଗର ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ରହିଥିଲେ । ମାତ୍ର ପ୍ରଫୁଲ୍ଲ କଟକ ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ପାଇବା ପରେ ଜିଲ୍ଲା ସଭାପତି ପଦ ଛାଡିଥିଲେ ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)





## ଏ ସଂଖ୍ୟାରେ..



ହର୍ମୋନ ତିଆରି କରେ ଲିଚୁ



ନିଦ ହେଉ ନଥିଲେ କିୱି ଖାଆନ୍ତୁ



ମେଦ ବୃଦ୍ଧି କରେ ଆଇସ୍‌କ୍ରିମ୍



ପୁରୁଷଙ୍କ ପ୍ରଜନନ କ୍ଷମତା ବଢ଼ାଏ ଅଖରୋଟ୍



ପୁଦିନା ପତ୍ରର ଫାଇଦା



ଭୃସୁଙ୍ଗର ଉପକାରିତା

## ପତଞ୍ଜଳି ପରିବାରର ଗୁରୁ ପୂର୍ଣ୍ଣିମା ପାଳିତ

ସମ୍ବଲପୁର : ଭାରତ ସ୍ୱାଭିମାନ ପତଞ୍ଜଳି ଯୋଗସମିତି ଯୁବ ଭାରତ ଆନୁକୂଲ୍ୟରେ ସ୍ଥାନୀୟ ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ପବିତ୍ର ଗୁରୁ ପୂର୍ଣ୍ଣିମା ମହୋତ୍ସବ ପାଳନ କରାଯାଇଥିଲା । ପତଞ୍ଜଳୀ ଯୋଗ ପରିବାରର ଶିକ୍ଷକ, ଶିକ୍ଷୟିତ୍ରୀ ଗୁରୁବନ୍ଦନା ସହ ହୋମଯଜ୍ଞ କରିଥିଲେ । ଯୁଯୁମୁରା ବ୍ଲକ ଅନ୍ତର୍ଗତ କସ୍ତୁରବା ଗାନ୍ଧୀ ମାତୃ ନିକେତନ ଏବଂ ଅଇଁଠାପାଲିରେ ଛାତ୍ର ଛାତ୍ରୀ ମାନଙ୍କୁ ଯୋଗ, ଆୟୁର୍ବେଦ, ସ୍ୱଦେଶୀ ଓ ରାଷ୍ଟ୍ର ଧର୍ମ ଉପରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର, ଶିକ୍ଷାବିତ ଭକ୍ତ ପ୍ରସାଦ ନନ୍ଦ ମୁଖ୍ୟ ବକ୍ତା ଓ ଜିଲ୍ଲା ପ୍ରଭାରୀ ଗୋଲକ ବିହାରୀ ମିଶ୍ର, ରଞ୍ଜନ କୁମାର ବେହେରା, ନୀଳାମ୍ବର ସାହୁ ଯୋଗ ଦେଇଥିଲେ ।

## ୫-ଟି ସଚିବଙ୍କ ସୁବର୍ଣ୍ଣପୁର ଜିଲ୍ଲାଗସ୍ତ





ସୁବର୍ଣ୍ଣପୁର : ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ ପାଣ୍ଡିଆନ ଦିନିକିଆ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେ ପ୍ରଥମେ ଜିଲ୍ଲାର ପ୍ରସିଦ୍ଧ ତଥା ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ପାତାଳି ଶ୍ରୀକ୍ଷେତ୍ରରେ ହେଲିକପ୍ଟର ଯୋଗେ ପହଞ୍ଚି ଜଗନ୍ନାଥ ଦର୍ଶନ କରି ସେଠାରେ ସେ ସେବାୟତ ମାନଙ୍କ ସହ କଥାବାର୍ତ୍ତା କରିଥିଲେ । ସେଠାରେ ପାତାଳି ଟ୍ରଷ୍ଟ ପକ୍ଷରୁ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ କରାଯିବା ସହ ସମଗ୍ର ପାତାଳି ଶ୍ରୀକ୍ଷେତ୍ରର ପାରିପାର୍ଶ୍ୱିକ ଉନ୍ନତି ସହ ସେଠାରେ ଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସେ ମଧ ସେଠାରେ ଉପସ୍ଥିତ ଥିବା ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କୁ ଶୀଘ୍ର ଡିପିଆର୍ ପ୍ରସ୍ତୁତ କରି ପଠାଇବାକୁ କହିଥିଲେ । ଆନୁଷଙ୍ଗିକ କିଛି କାମପରେ ଖୁବ ଶୀଘ୍ର ଏହି ପୀଠର ଉନ୍ନୟନ କାମ ଆରମ୍ଭ କରାଯିବ ବୋଲି ମଧ ସେ ପ୍ରକାଶ କରିଥିଲେ । ପରେ ସେ ସେଠାକାର ବୌଦ୍ଧିକ ମଣ୍ଡପରେ ଉପସ୍ଥିତ ଜନତା ତଥା ମାଁ ମାନଙ୍କୁ ସମ୍ବୋଧିତ କରି ଏହି ପବିତ୍ର ପୀଠର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ପଠାଇଥିବା କହି ଖୁବଶୀଘ୍ର ଏହିପୀଠର ବିକାଶ କରାଯିବ ବୋଲି କହିଥିଲେ । ପରେ ଉଲୁଣ୍ଡା ଯାଇ ସେଠାରେ ଉପସ୍ଥିତ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ସୁଫଳ ସେମାନେ ପାଉଛନ୍ତି କି ନାହିଁ ତାହା ବୁଝିଥିଲେ । ସେଠାରୁ ସେ ଚଡେଇପଙ୍କ ଠାରେ ମେଗାଲିଫ୍ଟ ପରିଦର୍ଶନ କରିଥିଲେ । ପରେ ବିନିକାର ପାପକ୍ଷୟ ଘାଟ, ଭୀମଭୋଇ ସମାଧିପୀଠ ଖଲିଆପାଲି, ସାଗରପାଲି ସ୍ଥିତ ୫-ଟିରେ ଅନ୍ତର୍ଭୁକ୍ତ ଥିବା ଗଙ୍ଗାଧର ହାଇସ୍କୁଲ ପରିଦର୍ଶନ କରିଥିଲେ । ପରେ ମୁକୁନ୍ଦପୁର ସ୍ଥିତ ଆଶ୍ରମ ସ୍କୁଲରେ ମଧାହ୍ନ ଭୋଜନ କରି ଡୁଙ୍ଗରିପାଲିର ସହେଲାରେ ଜନସାଧାରଣଙ୍କ ସହ ଭାବବିନିମୟ କରିବା ପରେ ସୋନପୁର ସହରରେ ରାମେଶ୍ୱର ଘାଟ, ସୁରେଶ୍ୱରୀ ମନ୍ଦିର, ସୁବର୍ଣ୍ଣମେରୁ ମନ୍ଦିର, ରିଂରୋଡ୍, ଏମସିଏଚ୍, ବଡ଼ଝିଙ୍କିଠାରେ ନିର୍ମାଣାଧିନ ଥିବା ଟେକ୍ସଟାଇଲହବ ସହ ବିଭିନ୍ନ ଉନ୍ନୟନ ମୂଳକ କାମ ପରିଦର୍ଶନ କରିଥିଲେ ।

## ପୂର୍ବତନ ବ୍ଲକ ଅଧକ୍ଷଙ୍କ ୧.୦୬ କୋଟି ସମ୍ପତ୍ତି ଜବତ

ସୋନପୁର : ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୋନପୁର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ପ୍ରଦୀପ କୁମାର ଶତପଥିଙ୍କ ୧.୦୬ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି । ୨୦୦୨ ମସିହାରେ ପ୍ରଦୀପ କୁମାର ପଞ୍ଚାୟତ ସମିତିର ଅଧକ୍ଷ ଥିବା ବେଳେ କୋଟି କୋଟି ଟଙ୍କାର ହେରଫେର ହୋଇଥିଲା । ଏପରିକି ଲକ୍ଷାଧିକ ଟଙ୍କା ବେଆଇନ୍ ଉପାୟରେ ତାଙ୍କ ଆକାଉଣ୍ଟକୁ ଯାଇଥିଲା । ଏନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହେବାପରେ ଅଦାଲତଙ୍କ ଠାରୁ ଅନୁମତି ନେଇ ଭିଜିଲାନ୍ସ ଚଢ଼ଉ କରିଥିଲା ଓ ଏହି ସମୟରେ ୧କୋଟି ୧୦ଲକ୍ଷରୁ ଉର୍ଦ୍ଧ୍ୱ ସମ୍ପତ୍ତି ଠାବ କରାଯାଇଥିଲା । ଭିଜିଲାନ୍ସ ତାଙ୍କ ସେଭିଙ୍ଗ୍ ଆକାଉଣ୍ଟକୁ ମଧ ଅଚଳ କରି ଦେଇଥିଲା । ଏହା ବିରୋଧରେ ପ୍ରଦୀପ ୨୦୧୪ରେ ଅଦାଲତ ଯାଇଥିଲେ । ତାଙ୍କ ପତ୍ନୀଙ୍କ ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ଅଚଳ ଆକାଉଣ୍ଟକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେବାକୁ ଅଦାଲତ ନିକଟରେ ଆବେଦନ କରିଥିଲେ । ମାତ୍ର ଏହି ଆବେଦନକୁ ଅଦାଲତ ଗ୍ରହଣ କରି ନ ଥିଲେ । ଏହାପରେ ଭିଜିଲାନ୍ସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ୧.୦୬କୋଟି ଟଙ୍କା କଳାଧନ ରହିଥିବା ଜଣାପଡ଼ିଥିଲା । ଏହାପରେ ଇଡି ନିଜଆଡୁ ମନି ଲଣ୍ଡରିଂ ମାମଲା ରୁଜୁ କରି ୧.୦୬କୋଟିର ସମ୍ପତ୍ତିକୁ ଆଟାଚ କରିଛି ।

## ଭାଗବତ ଧର୍ମ

**ଶ୍ରୀ**ମଦ୍ ଭାଗବତ, ବିଶେଷତଃ ଅତିବଡ଼ୀ ଜଗନ୍ନାଥ ଦାସଙ୍କ କୃତ ଓଡ଼ିଆ ଭାଗବତ, ଆମ ସଭିଙ୍କର ଅତ୍ୟନ୍ତ ପ୍ରିୟ ତଥା ପରିଚିତ ଗ୍ରନ୍ଥ । ଆଗେ ଗାଁ ଗଣ୍ଡାମାନଙ୍କରେ ଭାଗବତ ଟୁଙ୍ଗିଟିଏ ସ୍ଥାପନା କରି ପ୍ରତିଦିନ ସନ୍ଧ୍ୟାରେ ଭାଗବତ ଚର୍ଚ୍ଚା କରିବା ନିତିଦିନିଆ କଥା ଥିଲା । ଶୁକ ପରୀକ୍ଷିତ ସମ୍ବାଦ ମାଧମରେ କୃଷ୍ଣ କଥାର ପ୍ରଚାର ତଥା କୃଷ୍ଣ ତତ୍ତ୍ୱର ବିଭିନ୍ନ ରୂପେ ଆଲୋଚନା ଯେ ଭାଗବତରେ ସର୍ବତ୍ର ପରିବ୍ୟାପ୍ତ ହୋଇ ରହିଛି ।

ଶ୍ରୀମଦ୍‌ଭାଗବତର ପ୍ରଥମ ସ୍କନ୍ଧ ପ୍ରଥମ ଅଧ୍ୟାୟରେ ଦ୍ୱିତୀୟ ଶ୍ଳୋକ ହିଁ 'ଭାଗବତ ଧର୍ମ'ର ପରମୋ ନିର୍ମତ୍ସରାଣାଂ ସତାଂ'' ଇତ୍ୟାଦି । ଏହାର ଅର୍ଥ ହେଲା ଭାଗବତରେ ଯେଉଁ ଧର୍ମ ଶ୍ରେଷ୍ଠ ବୋଲି ପ୍ରତିପାଦିତ କରାଯାଇଛି, ତା' ହେଲା କପଟତାର ହିତ ଅର୍ଥାତ୍ ନିଷ୍କପଟ ଧର୍ମ ଏବଂ ମାତ୍ସର୍ଯ୍ୟ ରହିତ ସତ୍ ବା ସାଧୁ ବ୍ୟକ୍ତି ହିଁ ଏ ପ୍ରକାର ଧର୍ମାଚରଣ କରିବାକୁ ସମର୍ଥ । 'କପଟତା' କ'ଣ, ଏବଂ ଏ ପ୍ରସଙ୍ଗରେ 'ମାତ୍ସର୍ଯ୍ୟ' ଶବ୍ଦଟିକୁ କିପରି ବୁଝିବାକୁ ହେବ ? ଆପଣାର ସ୍ୱାର୍ଥ ସିଦ୍ଧି ଲାଗି ଯେକୌଣସି ଧାର୍ମିକ ଉପାୟ ଅବଲମ୍ବନ କରିବା ହିଁ କପଟ ଧର୍ମ । "ଚୈତନ୍ୟ ଚରିତା ମୃତ'' ମତରେ ମୁକ୍ତି ବାଞ୍ଛା 'ଶ୍ରେଷ୍ଠ କପଟତା', କାରଣ ଏଥିରେ ମଣିଷ ତା' ନିଜ ଲାଗି ସର୍ବଶ୍ରେଷ୍ଠ ସିଦ୍ଧିର ଅଭିଳାଷ ରଖେ ଏବଂ ସେଥିଲାଗି ନାନା ବିଧି ପ୍ରୟାସରେ ତା'ର ସମସ୍ତ ଶକ୍ତିର ଅପଚୟ କରେ । ଯାହା ଦ୍ୱାରା ଲୋକ କଲ୍ୟାଣ ହେବା ସମ୍ଭବ, ସେଭଳି ଭକ୍ତି ବା ଶୁଦ୍ଧ ପ୍ରେମ ସାଧନା ଦ୍ୱାରା କେବେ ବି ସମ୍ଭବ ହୁଏ ନାହିଁ । ''ଶୁଦ୍ଧ ପ୍ରେମ ଭକ୍ତିକୁ ଛାଡ଼ି କେବଳ ଆପଣାର ମୁକ୍ତି ଲାଗି ଅନବରତ ଧାଇଁବା ଏକ ପ୍ରକାର ବନ୍ଧନ ନୁହେଁ କି ? କାରଣ ଏହାଦ୍ୱାରା ମଣିଷଟିଏ ଅନ୍ୟ ସଭିଙ୍କଠାରୁ ଅଲଗା ହୋଇ ନିଜର ଶ୍ରେଷ୍ଠତ୍ୱ କଦାପି ସ୍ୱୀକାର କରିପାରେ ନାହିଁ-ଅପରର ସୁଖ ସମୃଦ୍ଧି କିମ୍ବା ଅଲୌକିକ ସିଦ୍ଧିରେ ନିଜେ ଅସ୍ୱସ୍ତି ବୋଧ କରିବା କିମ୍ବା ପ୍ରିୟମାଂଶ ହୋଇପଡ଼ିବା ମଣିଷର ଏକ ପ୍ରଧାନ ଦୁର୍ବଳତା ।'' ଭାଗବତ ଧର୍ମ ଯାହାକୁ ଶୁଦ୍ଧ ପ୍ରେମ ଭକ୍ତିର ଚରମ ପରିପ୍ରକାଶ ବୋଲି କୁହାଯାଇପାରେ ତହିଁରେ ମାତ୍ସର୍ଯ୍ୟ ବା ଅପରର ସିଦ୍ଧି ଦେଖି ନିଜେ ଅସ୍ୱସ୍ତି ଅନୁଭବ କରିବା ସେ ସଂପର୍କରେ ଅସହିଷ୍ଣୁତା ପ୍ରଦର୍ଶନର ଅବକାଶ କାହିଁ ? ଏଭଳି ବ୍ୟକ୍ତିବିଶେଷ ତଥା ଏ ପ୍ରକାର ସାମାଜିକ ବ୍ୟବସ୍ଥା ସଙ୍ଗେ ଦୈନନ୍ଦିନ ଜୀବନରେ ଆମେ କ୍ୱଚିତ୍ ସଂପର୍କରେ ଆସିଥାଉ ସତ, ମାତ୍ର ଭାଗବତ ଧର୍ମରେ ବାସ୍ତରେ ଅନୁପ୍ରାଣିତ ହୋଇଥିବା ବ୍ୟକ୍ତିର ଜୀବନ ତଥା ସମାଜରେ ଏ ପ୍ରକାରେ ସ୍ୱାର୍ଥସିଦ୍ଧି ଲାଗି ଘୋଡ଼ା ଦଉଡ଼ ପ୍ରତିଯୋଗିତାର ଅବକାଶ ନ ଥାଏ ।

ମଣିଷର ଜୀବନ ସଂଗ୍ରାମରେ ସର୍ବତ୍ର ପ୍ରତିଯୋଗିତା ଲାଗି ରହିଛି, ଏହା ଆମର ଦୈନନ୍ଦିନ ଅନୁଭବର କଥା । ପ୍ରତିଯୋଗିତାରେ ପଛେଇ ଗଲେ କଥା ସରିଲା ଜୋର ଯାହାର ମୂଳକ ତା'ର ନୀତି ଅନୁସରଣ କରି ହେଉ କିମ୍ବା ଅନ୍ୟ ଯେକୌଣସି ଉପାୟରେ ହେଉ ସବୁଠୁ ଆଗରେ ରହିବା ଲାଗି ମଣିଷ ଶିଶୁଟିକୁ ପିଲାଟି ଦିନୁ ଶିକ୍ଷା ଦିଆଯାଇଥାଏ । ଧର୍ମ ଜଗତରେ ମଧ ପ୍ରତିଯୋଗିତା ତଥା ପ୍ରତିଦ୍ୱନ୍ଦିତା ସର୍ବତ୍ର ଦେଖିବାକୁ ମିଳିଥାଏ, ଆମର ଅନ୍ୟାନ୍ୟ ସବୁ ସାଂସାରିକ ବିଷୟ ଭଳି । ସେଇଥିଲାଗି ଧର୍ମାଚରଣର ଚରମ ଲକ୍ଷ୍ୟ ଯଦି ମୁକ୍ତି ଲାଭ କିମ୍ବା ଈଶ୍ୱରଙ୍କର ବିଶେଷ କୃପା ପ୍ରାପ୍ତି ବୋଲି ଧରିନିଆଯାଏ, ଏ କ୍ଷେତ୍ରରେ ତଥାକଥିତ ଧାର୍ମିକ ବ୍ୟକ୍ତିଟିଏ ଅନ୍ୟ ସମସ୍ତଙ୍କଠାରୁ ଆଗୁଆ ବୋଲି ଆପଣା ମନ ଭିତରେ ତଥା ଅପର ସମକ୍ଷରେ, ବିଶେଷତଃ ସମାଜ ଆଖିରେ, ପ୍ରତିପାଦନ କରିବା ଲାଗି ଉତ୍ସାହୀ ହୋଇଥାଏ । ଅନେକଟା ଯେପରି ଧନ, ସମ୍ପତ୍ତି, ଶକ୍ତି ସାମର୍ଥ୍ୟ କିମ୍ବା ସୌନ୍ଦର୍ଯ୍ୟ କ୍ଷେତ୍ରରେ ପ୍ରତିଯୋଗିତା ଭଳି । ମାତ୍ର ଭାଗବତ ଧର୍ମରେ କୌଣସି ଏ ପ୍ରକାର ପ୍ରତିଯୋଗିତାର ଅବକାଶ ନ ଥିବାରୁ ଏହା ଏକ କପଟତା ରହିତ ଧର୍ମ ତଥା ଏଥିରେ ପରିଦ୍ୱେଷ, ପରଶ୍ରୀକାରତା ଆଦି ଲକ୍ଷଣ ଅପ୍ରାସଙ୍ଗିକ ବୋଲି କୁହାଯାଇଛି, ଅନେକ ଭାବରେ ଅନେକ ଢଙ୍ଗରେ ଏଇ କଥାଟି ବାରମ୍ବାର ଦର୍ଶାଯାଇଛି । ଜ୍ଞାନାଭିମାନ ପରିତ୍ୟାଗ ସଙ୍ଗେ ସଙ୍ଗେ ଉକ୍ତି ଆଜି ଭାବ ଜଗତର ବିଷୟଗୁଡ଼ିକରେ ମଧ ଆତ୍ମଶ୍ଳାଘ /କିମ୍ବା ବାହାରେ ପ୍ରକାଶ କରି ବାହାବା ନେବାର ଗୁପ୍ତ ଅଭିଳାଷ ଭାଗବତ ଧର୍ମର ଘୋର ବିରୋଧୀ । ସେଇଥିଲାଗି କୁହାଗଲା - 'ପ୍ରତିଷ୍ଠା ଶୂକରୀବିଷ୍ଠା'' ଆଦି । ପୁଣି ତୃଣାଦପି ସୁନୀଚେନ, ତରୋରିବ ସହିଷ୍ଣୁତା, ଅମା ନିନା ମାନଦେବ କୀର୍ତ୍ତନୀୟଃ ସଦା ହରିଃ"- ଘାସଠାରୁ ମଧ ନିଜକୁ ନ୍ୟୁନ ମନେକରୁଥିବା, ବୃକ୍ଷ ଭଳି ସହିଷ୍ଣୁ ହୋଇ ନିଜେ ନିରଭିମାନ ଭାବେ ଅନ୍ୟକୁ ମାନ ପ୍ରଦାନ କରୁଥିବା ବ୍ୟକ୍ତି ହିଁ ଭାଗବତ ଧର୍ମର ଯୋଗ୍ୟ ବୋଲି ବିବେଚିତ ହୋଇପାରିବେ । ଏହାର ଅର୍ଥ ନୁହେଁ ଯେ ନିଜକୁ ନ୍ୟୁନ ବୋଲି ପ୍ରତିପାଦନ କରି ବିନମ୍ରତା ଲାଗି ଲୋକମୁଖରୁ ପୁଣି ବାହାବା ନେବାର ପ୍ରଚ୍ଛନ୍ନ ଲକ୍ଷ୍ୟ ରଖିବା ଏବଂ ନିଜକୁ 'ମହାଭାଗବତ'' ଭାବେ ପ୍ରତିଷ୍ଠିତ କରିବା ଭାଗବତ ଧର୍ମାଚରଣରେ ସମ୍ଭବ । ଏହା ଏକ ଜୀବନ ବ୍ୟାପୀ ନିରବଚ୍ଛିନ୍ନ ସାଧନା ବୋଲି ମନେ ରଖିବାକୁ ହେବ । ପ୍ରକୃତ ଲୋକ କଲ୍ୟାଣ ଏହାର ଚରମ ଲକ୍ଷ୍ୟ- ସମସ୍ତ ଜାତି ଧର୍ମ ଗୋଷ୍ଠୀ ନିର୍ବିଶେଷରେ ସମାଜକୁ ଈଶ୍ୱରଙ୍କର ନିଷ୍କାମ ଭକ୍ତିରେ ଅନୁପ୍ରାଣିତ କରିପାରିଲେ, ଏହା ସମ୍ଭବ ବୋଲି ଭାଗବତ ଧର୍ମ ପରିସରରେ ଏକ ଅଭ୍ରାନ୍ତ ସତ୍ୟ ଭାବେ ଗୃହୀତ ହୋଇଥାଏ । ଏଥିରେ ନିଜର କୌଣସି ଉତ୍କୃଷ୍ଟ ଫଳ ଲାଭର କାମନା ବା ବାସନା ରହିଥିଲେ, ଏହା 'ଭଗବତ ଧର୍ମ' ପଦବାଚ୍ୟ ହୋଇନପାରେ । ସେଇଥି ପାଇଁ କୁହାଯାଇଛି-''ଫଳର ଆଶା ଯହିଁ ନାହିଁ, ବିଘ୍ନ ପଶିବ ଅବା କାହିଁ ? ଏହା ହିଁ ଭାଗବତ ବର୍ଣ୍ଣିତ 'ନିଷ୍କପଟ ଧର୍ମ'ର ଲକ୍ଷଣ ।

ଏପରି ସ୍ଥଳେ, 'ଭାଗବତ ଧର୍ମ' ମଣିଷର ଅନ୍ତରଙ୍ଗ ବ୍ୟାପାର-ଏହାର ଆନୁଷଙ୍ଗିକ ବେଶଭୂଷା ଆଦି ଲୋକ ସଂଗ୍ରହ କିମ୍ବା ଲୋକ ଶିକ୍ଷା ଲାଗି ହୁଏତ ସ୍ଥଳ ବିଶେଷରେ ପ୍ରୟୋଜନୀୟ ମନେହୋଇପାରେ, ମାତ୍ର ସେସବୁ ବହିରଙ୍ଗ କଥା । ତେବେ ଏହାର ସାମଗ୍ରିକ ଧର୍ମାଚରଣ କ୍ଷେତ୍ରରେ ଦ୍ୱନ୍ଦ୍ୱ ବା ଟଣାଓଟରା କରି ନାନା ଭାବରେ ସାଧାରଣ ଜନତାର ମନରେ ଭୟ ସଂଚାର ପୂର୍ବକ କିମ୍ବା କୌଣସି ମୋଟା ଅଙ୍କର ଲାଭ ଆଶା ଦେଖାଇ ପ୍ରଚାର ଆଜିର କୌଣସି ପ୍ରାସଙ୍ଗିକତା ନାହିଁ । ଏଠି ନେତା କିଏ ଆଉ କିଏ ବା ତାଙ୍କ ଦ୍ୱାରା ଅନୁପ୍ରାଣିତ ନିଷ୍କାମ ଭକ୍ତି ଧର୍ମରେ ଦୀକ୍ଷିତ ହୋଇଛନ୍ତି, ଏଭଳି ବିଭେଦ କରିବା ଅନେକ ସମୟରେ ଦୁଃସାଧ ହୋଇପଡ଼େ । କାରଣ ଏ କ୍ଷେତ୍ରରେ ଯେ ସିଦ୍ଧ, ତାଙ୍କର ସିଦ୍ଧିର ଅଭିମାନ ଟିକକ ମଧ ନାହିଁ ସେ ଆପଣାକୁ ସମଗ୍ର ବିଶ୍ୱବାସୀଙ୍କର ସେବାକାରୀ ଭାବେ ପରିଚିତ କରାଇଥାନ୍ତି । ପ୍ରକୃତରେ ବକପକ୍ଷେ ନିଜର ବାହାଦୁରୀ ପ୍ରତିପାଦନ କରିବା ସମ୍ଭବ କି ? ସେମାନେ ସ୍ୱତନ୍ତ୍ର ଭାବେ ନିଜକୁ ଚିହ୍ନା ଦେବାକୁ ମଧ ଅମଙ୍ଗ ହୋଇପାରନ୍ତି । ମୋଟ୍ କଥା ହେଲା, ଏଠି ଆଗୁଆ କିଏ ପଛୁଆ ବା କିଏ ! ସମସ୍ତେ ତ ସାଧନା ପଥରେ ପଥିକ- ପରସ୍ପରକୁ ଆଗେଇ ନେବାରେ ସେମାନଙ୍କର ଆନନ୍ଦ । ଭୂପତି ପଣ୍ଡିତଙ୍କ ଭାଷାରେ ''ସେବା କରାଇବାକୁ ଡରେ, ସେବା କରଇ ନିରନ୍ତରେ । ଭାଗ୍ୟ ମଣଇଁ କିଛି ଦେବା, ଅଭାଗ୍ୟ ମଣଇଁ ଘେନିବା' (ପ୍ରେମପଞ୍ଚାମୃତ) । ଏଠି ଆଦର୍ଶ ପଥରେ ଯାତ୍ରୀଟିଏ ତା'ର ଆନ୍ତରିକ ଚରମ 'ବ୍ୟାକୁଳତା ଦ୍ୱାରା ହିଁ ସ୍ୱତନ୍ତ୍ର ପରିଚୟ ଲାଭ କରିଥାଏ କୌଣସି ବାହାଦୂରୀ ବା ସିଦ୍ଧିର ପ୍ରଦର୍ଶନ ଦ୍ୱାରା ନୁହେଁ- ଏଇଥିଲାଗି କୁହାଯାଇଛି- ଉପାଧିଃ ବ୍ୟାଧିସେବଚ'- କୌଣସି ଉପାଧି ଏଠାରେ ବ୍ୟାଧି ରୂପେ ସେଇଥିପାଇଁ ବିବେଚିତ ହୋଇଥାଏ ଅବଶ୍ୟ ସାଂସାରିକ କ୍ଷେତ୍ରରେ ଏହା ଦ୍ୱାର । ''ଉପାଧି'' ଆଦିର ପ୍ରାଧାନ୍ୟ କୌଣସିମତେ ହ୍ରାସ ପାଇବାର ସମ୍ଭାବନା ନାହିଁ ।

ସେଇଥିଲାଗି 'ଭାଗବତ ଧର୍ମ'ରେ ଆଧ୍ୟାତ୍ମିକ ଚେତନାର ଚରମ ପରିପ୍ରକାଶ ହୁଏ । ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ଏଭଳି ମହାତ୍ମାଙ୍କୁ କେବଳ ଦୁର୍ଲଭ ବୋଲି ଆଖ୍ୟା ନଦେଇ ସୁଦୁର୍ଲଭ ବୋଲି କହିଛନ୍ତି । ''ବାସୁଦେବଃ ସର୍ବମିତି ସମହାତ୍ମା ସୁଦୁର୍ଲଭଃ'' କାରଣ ଏଭଳି ଭଗବଦ୍ ଭାବାପନ୍ନ ବ୍ୟକ୍ତି ସର୍ବତ୍ର ବାସୁଦେବଙ୍କ ପରିପ୍ରକାଶ ଅନୁଭବ କରିଥାନ୍ତି, ଯାହା ସାଧାରଣ ଜୀବନରେ ଦେଖାଯାଏ ନାହିଁ । ଚୈତନ୍ୟ ଚରିତାମୃତରେ ତାହା ହିଁ କୁହାଗଲା - ମହାଭାଗବତ ଦେଖେ ସ୍ଥାବରଜଙ୍ଗମ ଯାହା ଦେଖେ ତାହା ହୟ ଇଷ୍ଟର ସ୍ଫୁରଣ । ମୋତରେ ମାନବୀୟ ଆଦର୍ଶର ଏହା ଏକ ଅପୂର୍ବ ଅଭିବ୍ୟକ୍ତି, ଯେଉଁଠି ହାର୍ ଜିତ୍ ନାହିଁ, କୌଣସି ପ୍ରତିଯୋଗିତା ନାହିଁ- ଅଛି କେବଳ ସାମୂହିକ ଭାବେ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ଆଗେଇ ଚାଲିବାର ଅଦମ୍ୟ ଅଭୀପ୍ସା (ଚରୈବେତି ।

# ଶିବ ସ୍ୱରୂପ ଶଙ୍କରାଚାର୍ଯ୍ୟ

ପୁଣ୍ୟଭୂମି ଭାରତରେ ଆଜି ପର୍ଯ୍ୟନ୍ତ ଯେଉଁ କେତେଜଣ ଯୋଗଜନ୍ମା, ମହାନ୍ ସାଧକଙ୍କ ଆବିର୍ଭାବ ଘଟିଛି, ସେମାନଙ୍କ ମଧ୍ୟରେ ଅଦ୍ୱୈତବାଦର ପ୍ରବର୍ତ୍ତକ, ମୋକ୍ଷଧର୍ମର ମାର୍ଗଦର୍ଶକ ଜଗଦ୍‌ଗୁରୁ ଶଙ୍କାରାଚାର୍ଯ୍ୟ ଅନ୍ୟତମ । ମାତ୍ର ବତ୍ରିଶ ବର୍ଷର ଜୀବନକାଳ ମଧ୍ୟରେ ସେ ଯେ କେବଳ ସର୍ବଶ୍ରେଷ୍ଠ ସାଧନାର ଅଧିକାରୀ ହୋଇପାରିଥିଲେ ତାହା ନୁହେଁ, ସେହି ସମୟ ମଧ୍ୟରେ ସେ ଗୀତା, ଉପନିଷଦ ଓ ବ୍ରହ୍ମସୂତ୍ରର ଭାଷ୍ୟ ରଚନା କରି ଅଦ୍ୱୈତମତକୁ ସୁଦୃଢ଼ିଭୁତ କରିପାରିଥିଲେ । ଆକୁମାରୀ ହିମାଚଳ ସାରା ଭାରତବର୍ଷ ପାଦରେ ଭ୍ରମଣ କରି ସେ ଅଦ୍ୱୈତମତର ବିରୋଧୀ ପକ୍ଷକୁ ପରାସ୍ତ କରି 'ଜଗତ୍‌ଗୁରୁ' ଭାବେ ସର୍ବଶ୍ରେଷ୍ଠ ଆସନଲାଭ କରିଥିଲେ । ଏକାଧାରରେ ସେ ଥିଲେ ସାଧକ, ଜ୍ଞାନୀ, ପଣ୍ଡିତ, ତାର୍କିକ, ଗୁରୁ ଓ ଉପଦେଷ୍ଟା । ସେ ମଧ୍ୟ ଥିଲେ ମହାତ୍ମା ଓ ସିଦ୍ଧପୁରୁଷ । ସେଥିପାଇଁ ସେ ଭାରତର ପ୍ରତି ପୁରପଲ୍ଲୀରେ ସେ କୈଳାସବାସୀ ଶିବଙ୍କର ମୂର୍ତ୍ତିମନ୍ତ ଅବତାର ଭାବରେ ପୂଜିତ ଓ ସମ୍ମାନିତ ।

ଭାରତର ଦକ୍ଷିଣ-ପଶ୍ଚିମ ସମୁଦ୍ର କୂଳରେ ଅବସ୍ଥିତ କେରଳ ପ୍ରଦେଶର କାଳ ଗ୍ରାମରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଜନ୍ମଗ୍ରହଣ କରିଥିଲେ । ପୂର୍ବକାଳରେ ସେହି ଗ୍ରାମରେ

ନମ୍ବୁଉରି ନାମକ ଗୋଟିଏ ବଂଶ ଶିବଶକ୍ତି ପ୍ରଦର୍ଶନ କରି ଲୋକଖ୍ୟାତି ଅର୍ଜନ କରିଥିଲା । ସେହି ବଂଶର ପୂଜକମାନେ ପବିତ୍ରତା ଓ ଧାର୍ମିକତା ପାଇଁ ଏପରି ଭାବରେ ପ୍ରସିଦ୍ଧ ହୋଇ ଉଠିଥିଲେ ଯେ, ସୁଦୂର କାଶ୍ମୀରର ବିଖ୍ୟାତ ଜୋଷୀମଠରେ ପୁରୋହିତ କାର୍ଯ୍ୟ କରିବା ପାଇଁ ସେମାନେ ନିଯୁକ୍ତି ପାଉଥିଲେ ।

କାଲ୍‌ଟି ଗ୍ରାମର ଅନତିଦୂରରେ ପବିତ୍ର ପୂର୍ଣ୍ଣାନଦୀ ପ୍ରବାହିତ ହେଉଥିଲା । ନଦୀ ତଟରେ ଅବସ୍ଥିତ ବୃଷ ପର୍ବତ ଉପରେ ଭଗବାନ ଚନ୍ଦ୍ରମୌଳିଙ୍କର ଏକ ରମଣୀୟ ମନ୍ଦିର ଅବସ୍ଥିତ ଥିଲା । କେରଳର ତତ୍କାଳୀନ ରାଜା ରାଜଶେଖର ନମ୍ବୁଉରି ବଂଶର ପ୍ରସିଦ୍ଧ ପଣ୍ଡିତ ବିଦ୍ୟାଧିରାଜଙ୍କୁ ଭଗବାନ ଚନ୍ଦ୍ରମୌଳିଙ୍କର ପୂଜାର୍ଚ୍ଚନା କରିବା ପାଇଁ ନିଯୁକ୍ତ କରିଥିଲେ । ବିଦ୍ୟାଧିରାଜ ଶିବ ପୂଜାରେ ତନ୍ମୟ ହୋଇ ନିଜ ଜୀବନକୁ ଧନ୍ୟ କରିପାରିଥିଲେ । ଯଥା ସମୟରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ସେ ପୁତ୍ରଟିର ନାମ ରଖିଥିଲେ ବିଶ୍ୱଜିତ୍ । ବିଦ୍ୟାଧିରାଜ ପୁତ୍ର ବିଶ୍ୱଜିତ୍‌କୁ ଅଧ୍ୟୟନ କରିବା ପାଇଁ ଗୁରୁ ଗୃହକୁ ପ୍ରେରଣ କରିଥିଲେ । ବିଶ୍ୱଜିତ୍ ବେଦ, ବେଦାଙ୍ଗ, ଉପନିଷଦ, ପୁରାଣ ଓ ବ୍ୟାକରଣ ଆଦି ଶାସ୍ତ୍ର ଅଧ୍ୟୟନ କରିଥିଲେ । ସେ ଶିବଙ୍କ ପରି ଜ୍ଞାନ ଓ ଗୁରୁ ବୃହସ୍ପତିଙ୍କ ପରି ପାଣ୍ଡିତ୍ୟ ଅର୍ଜନ କରିଥିବାରୁ ଗୁରୁ ସନ୍ତୋଷ ପ୍ରକଟ କରି ତାଙ୍କୁ 'ଶିବଗୁରୁ' ନାମରେ ନାମିତ କରିଥିଲେ । କିଛି କାଳ ପରେ ସତୀ ନାମ୍ନୀ ଏକ ସୁନ୍ଦରୀ କନ୍ୟା ସହିତ ଶିବଗୁରୁଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । ମାତ୍ର ଯୌବନକାଳ ଅତୀତ ହେବାକୁ ବସିଥିଲେ ହେଁ ସେମାନଙ୍କଠାରୁ କୌଣସି ସନ୍ତାନ ସନ୍ତତି ଜନ୍ମ ହେଲେ ନାହିଁ । ଏହା ପରେ ଦିନେ ଉଭୟ ଶିବଗୁରୁ ଓ ସତୀ ଅତ୍ୟନ୍ତ ନିଷ୍ଠା ଏବଂ ଭକ୍ତି ସହକାରେ ଭଗବାନ ଶିବଙ୍କର ପୂଜା ଆରାଧନା କଲେ । ସେମାନଙ୍କ ପୂଜାର୍ଚ୍ଚନାରେ ପ୍ରୀତ ହୋଇ ଭଗବାନ ଶିବ ତାଙ୍କର ମନୋସ୍କାମନା ପୂର୍ଣ୍ଣ କରିଥିଲେ । ତାହା ଥିଲା ୭୮୮ ଖ୍ରୀଷ୍ଟାବ୍ଦର ବୈଶାଖ ଶୁକ୍ଳ ପଞ୍ଚମୀ ତିଥି । ଭଗବାନ ଶଙ୍କରଙ୍କ ଆଶୀର୍ବାଦରୁ ସର୍ବଗୁଣସମ୍ପନ୍ନ ପୁତ୍ର ଜନ୍ମଲାଭ କରିଥିବାରୁ ସେହି ପୁଣ୍ୟ ସ୍ମୃତିର ପ୍ରତୀକ ରୂପେ ଶିବଗୁରୁ ପୁତ୍ରର ନାମ ରଖିଥିଲେ ଶଙ୍କର' । ଶଙ୍କରାଚାର୍ଯ୍ୟଙ୍କର ଆବିର୍ଭାବ କାଳ ଥିଲା ଧର୍ମଜଗତରେ ସଙ୍କଟମୟ, ଘଡ଼ିସନ୍ଧି ସମୟ ।

ଶିଶୁ ଶଙ୍କର ଦିନକୁ ଦିନ ଚନ୍ଦ୍ରକଳା ପରି ବଢ଼ିବାକୁ ଲାଗିଲେ । ତାଙ୍କୁ ଯେତେବେଳେ ତିନି ବର୍ଷ ପିତା ଶିବଗୁରୁଙ୍କର ପରଲୋକ ହୋଇଗଲା । ପାଞ୍ଚବର୍ଷ ବୟସରେ ସେ ବେଦାଧ୍ୟୟନ ପାଇଁ ଗୁରୁଗୃହକୁ ଗମନ କଲେ । ସପ୍ତମ ବର୍ଷ ବୟସରେ ସର୍ବଶାସ୍ତ୍ରରେ ସୁପଣ୍ଡିତ ହୋଇ ବାଳକ ଶଙ୍କର ଗୁରୁଗୃହରୁ ବିଦାୟ ନେଲେ । ଶୈଶବରୁ ହିଁ ଶଙ୍କର ଭଗବାନ ଶିବଙ୍କୁ ପରମ ଭକ୍ତି କରୁଥିଲେ । ଏପରିକି ସେ ଭଗବାନ ଶଙ୍କରଙ୍କୁ ପ୍ରାର୍ଥନାରେ ସନ୍ତୁଷ୍ଟ କରି ମାତାଙ୍କ ସ୍ନାନର ସୁବିଧା କରିବା ନିମନ୍ତେ ପୂର୍ଣ୍ଣାନଦୀକୁ ତାଙ୍କର ଗୃହ ନିକଟରେ ପ୍ରବାହିତ କରାଇପାରିଥିଲେ । ଆଉ ଦିନକର ଘଟଣା । ଶଙ୍କର ଶିଷ୍ୟମାନଙ୍କ ସହିତ ଗଙ୍ଗାସ୍ନାନ ନିମନ୍ତେ ଯାତ୍ରା କରୁଥିଲେ । ବିପରୀତ ଦିଗରୁ ଜଣେ ଚାଣ୍ଡାଳ ଚାରୋଟି କୁକୁରକୁ ନେଇ ମାତାଲ୍ ଅବସ୍ଥାରେ ଆସୁଥିଲା । କୁକୁର ଓ ଚାଣ୍ଡାଳ ସ୍ପର୍ଶ ଭୟରେ ଶଙ୍କର ସେମାନଙ୍କୁ ଦୂରକୁ ଘୁଞ୍ଚିଯିବାକୁ କହିଲେ । ଏହାଶୁଣି ଚାଣ୍ଡାଳ କହିଲା – ତୁମେ ବ୍ରହ୍ମଜ୍ଞାନ ଲାଭ କରି ସୁଦ୍ଧା ଭେଦଭାବ ଆଚରଣ କରୁଛ ? ଶଙ୍କରଙ୍କ ଚେତା ପଶିଲା । ସେ ଚାଣ୍ଡାଳର ପାଦତଳେ ପଡ଼ି ପ୍ରଣାମ କଲେ । ହଠାତ୍ ସେହି ସ୍ଥାନରେ ବିରାଜମାନ ହେଲେ ଦେବଦେବ ମହାଦେବ । ଥରେ ଶଙ୍କରାଚାର୍ଯ୍ୟ ମଧ୍ୟର୍ଜୁନ ପୀଠକୁ ଗମନ କରିଥାନ୍ତି । ସେଠାରେ ଅବସ୍ଥିତ ଶିବ ମନ୍ଦିର ମଧ୍ୟରେ ପ୍ରବେଶ କରି ସେ ଉପସ୍ଥିତ ଲୋକଙ୍କୁ ଅଦ୍ୱୈତବାଦର ସାରତତ୍ତ୍ୱ ବୁଝାଇବାକୁ ଲାଗିଲେ । ଶଙ୍କରାଚାର୍ଯ୍ୟଙ୍କ ପାଣ୍ଡିତ୍ୟରେ ସମବେତ ଜନତା ମୁଗ୍ଧ ହେଲେ ମାତ୍ର ତାଙ୍କ ମତକୁ ନେଇ ଅନେକଙ୍କର ସନ୍ଦେହ ଉପୁଜିଲା । ଜଣେ ବୃଦ୍ଧ ଶଙ୍କରାଚାର୍ଯ୍ୟଙ୍କୁ କହିଲେ, ଅନେକ ସମୟରେ କିଛି ଭଣ୍ଡ ବ୍ୟକ୍ତି ନିଜର ବାକ୍‌ଚାତୁରୀ ବଳରେ ଲୋକଙ୍କୁ ଭ୍ରମିତ କରିଥାନ୍ତି । ତେଣୁ ଆପଣଙ୍କ ଉପରେ ଆମର ସନ୍ଦେହ ହେଉଛି । ଯଦି ଏହି ମନ୍ଦିରସ୍ଥିତ ଭବାନୀପତି ଭଗବାନ ଶିବ ଆପଣଙ୍କ ପ୍ରାର୍ଥନାରେ ଆମ୍ଭମାନଙ୍କର ସାକ୍ଷାତରେ ପ୍ରକଟିତ ହୋଇ ନିଜ ମୁଖରେ ଆପଣଙ୍କ ମତର ସତ୍ୟତା ସ୍ୱୀକାର କରିବେ, ତେବେ ଆମର ସନ୍ଦେହ ଦୂର ହେବ । ଅବିଳମ୍ବେ ଶଙ୍କରାଚାର୍ଯ୍ୟ ଭଗବାନ ବିଶ୍ୱନାଥଙ୍କୁ ସ୍ତୁତି କଲେ । ସହସା ମନ୍ଦିରାଭ୍ୟନ୍ତରକୁ ଉଜ୍ଜ୍ୱଳ କରି ଆବିର୍ଭାବ ହେଲେ ତ୍ରିଶୂଳଧାରୀ ଶିବ ।

ଶଙ୍କରଙ୍କ ପିତା, ପିତାମହ ଥିଲେ ଶୈବ ଉପାସକ । ନିଜେ ଶଙ୍କର ମଧ୍ୟ ଭଗବାନ ଶିବଙ୍କ ପ୍ରସାଦରୁ ଜନ୍ମ ନେଇଥିଲେ । ପୁଣି ଜୀବନକାଳ ମଧ୍ୟରେ ଏକାଧିକବାର ଶିବଙ୍କୁ ଦର୍ଶନ କରିବା ସହିତ ଅନ୍ୟମାନଙ୍କୁ ଦର୍ଶନର ସୌଭାଗ୍ୟ ଜୁଟାଇଥିଲେ । କୁହାଯାଏ, ଭଗବାନ ଭକ୍ତର ଅଧୀନ । ଭକ୍ତର ପ୍ରେମ ଫାଶରେ ସେ ଚିରକାଳ ବନ୍ଧା । ଏମିତିକି ପରମେଶ୍ୱର ଏକାଧିକବାର କହିଛନ୍ତି, ସେ ବୈକୁଣ୍ଠରେ ନଥାନ୍ତି, ସେ ଥାଆନ୍ତି ଭକ୍ତର ହୃଦୟରେ । ଧ ସେ ଡାକିଲେ ଉଭା ହୁଅନ୍ତି । ପ୍ରାଣୀଙ୍କ ଦୁଃଖ ଦୂର କରନ୍ତି । ଜୀବନକାଳ ମଧ୍ୟରେ ଶଙ୍କରାଚାର୍ଯ୍ୟ ଏକାଧିକ ବାର ଏଭଳି ଅଲୌକିକ ଘଟଣାର ସୂତ୍ରପାତ କରି ୩ ଦେଖାଇଥିଲେ । ଭଗବାନ ଶିବଙ୍କ ପରମଭକ୍ତ ଶଙ୍କରାଚାର୍ଯ୍ୟଙ୍କୁ ଏହି କାରଣରୁ ଶିବଙ୍କ ସ୍ୱରୂପ ଭାବେ ବିବେଚନା କରାଯାଏ ।

## ଆଜିର ଚିନ୍ତନ

ଭଗବାନ୍ ଶିବ ଓ ମାତା ପାର୍ବତୀ ଆକାଶ ମାର୍ଗରୁ ମର୍ତ୍ତ୍ୟ ଲୋକର ସ୍ଥିତି ନିରୀକ୍ଷଣ କରୁଥାନ୍ତି । ଦେବୀ ପାର୍ବତୀ ଦେଖିବାକୁ ପାଇଥିଲେ ଗଙ୍ଗାସ୍ନାନ ନିମନ୍ତେ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ସମାଗମ । ଜନସମୁଦ୍ରକୁ ଦେଖି ଦେବୀ ନିଜ ଆବେଗକୁ ସମ୍ଭାଳି ନ ପାରି ଶଙ୍କରଙ୍କ ଉଦ୍ଦେଶ୍ୟରେ କହିଥିଲେ ପ୍ରଭୁ ! ମର୍ତ୍ତ୍ୟ ଲୋକର ଦୃଶ୍ୟ ଦେଖନ୍ତୁ । ଲୋକେ କିଭଳି ଧର୍ମନିଷ୍ଠ ଓ ଶ୍ରଦ୍ଧାଳୁ ହେଲେଣି ।

ଦେବାଧିଦେବ ହସିହସି କହିଥିଲେ - ଦେବୀ ! ଏହା ତୁମର ଭ୍ରାନ୍ତ ଧାରଣା । ସଚ୍ଚାଭକ୍ତି, ଶ୍ରଦ୍ଧା ବିରଳ । ଏମାନଙ୍କ ମଧ୍ୟରେ ଅନେକ ଅଛନ୍ତି ପାପୀ, ଦୁରାଚାରୀ । ଗଙ୍ଗାରେ ନିର୍ଦ୍ଦିଷ୍ଟ ଦିବସରେ ସ୍ନାନ କଲେ କରିଥିବା ସବୁ ପାପ ଧୋଇ ହୋଇଯାଏ- ଏଇ ବିଶ୍ୱାସରେ ସେମାନେ ଛୁଟି ଆସିଛନ୍ତି ଏଠାକୁ । କିଏ ଅଧିକ, କିଏ କମ୍ ଦୁରାଚାରୀ ହେଲେ ପ୍ରକୃତ ଶ୍ରଦ୍ଧାଳୁଙ୍କ ସଂଖ୍ୟା ସୀମିତ ।

ସ୍ନାନାର୍ଥୀଙ୍କ ଶ୍ରଦ୍ଧା ପରୀକ୍ଷା ନେବା ପାଇଁ ଦୁହେଁ ମର୍ତ୍ତ୍ୟରେ ଅବତରଣ କଲେ । ବେଶ ବଦଳାଇ ପାର୍ବତୀ ସୁନ୍ଦରୀ ବ୍ରାହ୍ମଣୀ ବେଶ ଧରିଲେ ଓ କୈଳାସପତି ଏକ ଅପାଙ୍ଗ ବ୍ୟକ୍ତିର ରୂପ ଧାରଣ କରି ମାର୍ଗକଡ଼ରେ ପଡ଼ି ରହିଲେ । ସେହି ବାଟ ଦେଇ ସ୍ନାନାର୍ଥୀ ଯାଉଥାନ୍ତି । ଯେଉଁମାନେ ସେହି ବାଟ ଦେଇ ଯାଉଥାନ୍ତି, ପାର୍ବତୀ ସେମାନଙ୍କୁ ହାତଯୋଡ଼ି ନେହୁରା ହୋଇ କହୁଥାନ୍ତି- 'କୃପାକରି ମୋର ଅପାଙ୍ଗ ସ୍ୱାମୀଙ୍କୁ ତୀର୍ଥ ସ୍ନାନରେ ସହାୟତା କରନ୍ତୁ, ତାଙ୍କୁ ଗଙ୍ଗାତଟରେ ପହଞ୍ଚାଇ ଦିଅନ୍ତୁ ।'

ସହାୟତା ପ୍ରଦାନ ତ ଦୂରର କଥା । ଏହା ଶୁଣି ଅନେକେ ନ ଶୁଣିଲା ପରି ହୋଇ ଚାଲିଯାଉଥାନ୍ତି । କେହି ଅପାଙ୍ଗ ବ୍ୟକ୍ତି ପ୍ରତି ଘୃଣାରେ ନାସିକା କୁଞ୍ଚନ କରୁଥାନ୍ତି । କେହି ବ୍ରାହ୍ମଣୀଙ୍କ ପ୍ରତି କୁ-ଦୃଷ୍ଟି ପକାଉଥାନ୍ତି । କେହି କେହି ଖାଦମିଶା ଦରଦ ଦେଖାଇ କହିଥିଲେ- ତୁମେ ତୁମର ଅପାଙ୍ଗ ସ୍ୱାମୀକୁ ଛାଡ଼ିଦେଇ ଆମ ସହିତ ଚାଲିଆସ । ଭଗବାନ୍ ଶିବ ଅଳ୍ପ ଅଳ୍ପ ହସି ଦେବୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଦେଖିପାରୁଛ ତ ସେମାନଙ୍କ ଭକ୍ତି-ଶ୍ରଦ୍ଧା କେତେ ଗଭୀର ?

ଅନେକ ସମୟ ପରେ ଜଣେ ଗରିବ କୃଷକ ଆସିଥିଲେ ଗଙ୍ଗାସ୍ନାନ ପାଇଁ । ପାର୍ବତୀଙ୍କ ଅସହାୟ ଅବସ୍ଥା, ଆକୁଳ ନିବେଦନ ଦେଖି ସମ୍ବେଦନଶୀଳ ହୋଇ କହିଥିଲେ- 'ମା ! ଆପଣ ଆଗେ ଆଗେ ଚାଲନ୍ତୁ, ମୁଁ ଆପଣଙ୍କ ସ୍ୱାମୀଙ୍କୁ ଯେମିତି ହେଉ ଗଙ୍ଗାତଟରେ ପହଞ୍ଚାଇ ଦେବି । ତୁମ ଦୁହିଁଙ୍କ ଗଙ୍ଗାସ୍ନାନ ଇଚ୍ଛା ସଫଳ କରିବି ।

ଏହା ଶୁଣିଲା ପରେ ଦେବୀ ପାର୍ବତୀ ଓ ଶିବ ସ୍ୱରୂପ ଧାରଣ କରିଥିଲେ । କୃଷକ କୃତକୃତ୍ୟ ହୋଇ ଏକ ସାଙ୍ଗରେ ମହାଦେବ ଓ ଦେବୀ ପାର୍ବତୀଙ୍କ ଦର୍ଶନ ପାଇ ଅହୋଭାଗ୍ୟ ମଣି ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ । କୃଷକଙ୍କୁ ଆଶୀର୍ବାଦ ଦେଇ କହିଥିଲେ- ଏହାହିଁ ତ ଅସଲ ଶ୍ରଦ୍ଧା । ଅନ୍ୟର ସେବା କରିବାକୁ କୁଣ୍ଠିତ, ଦରଦହୀନ ଆଚରଣକୁ ଶ୍ରଦ୍ଧା-ଭକ୍ତି କୁହାଯାଇ ନ ପାରେ । ଅସଲ ଶ୍ରଦ୍ଧା ପୀଡ଼ିତର ପୀଡ଼ା ହରଣରେ ସହାୟତା ପ୍ରଦାନ (ପରୋପକାର) ଆଉ ପତିତକୁ ଠିକଣା ମାର୍ଗ ଦେଖାଇବାରେ ନିହିତ ଲୋକ ଦେଖାଣିଆ ଆଚରଣରେ ନୁହେଁ ।

# ମଳ' ମାସଃ 'ପୁରୁଷୋତ୍ତମ' ମାସ

ଏବର୍ଷ ପଡ଼ିଛି 'ଯୋଡ଼ା ଶ୍ରାବଣ ।' ଏହାର ଅର୍ଥ- ଏବର୍ଷ ଶ୍ରାବଣ ମାସର ଅବଧି ମାସେ ନ ହୋଇ ଦୁଇମାସ ହେବ । ଏହାକୁ 'ଅଧିକ ମାସ' ବା 'ଅଧିମାସ' ଓ 'ଅସୁରମାସ' ମଧ୍ୟ କୁହାଯାଇଥାଏ । ଏହାର ଅନ୍ୟ ଏକ ନାଆଁ 'ମଳମାସ' । ସାଧାରଣରେ ଗୋଟିଏ ଧାରଣା ଅଛି ଯେ ଏହା ଅଶୁଭ । ତେଣୁ ଏପରି ମାସରେ କୌଣସି ଶୁଭକର୍ମ କରାଯାଏ ନାହିଁ । ଏ ବାବଦରେ ଶାସ୍ତ୍ର ନିର୍ଦ୍ଦେଶ ମଧ୍ୟ ଅଛି । ଏହାର ତାତ୍ପର୍ଯ୍ୟ ହେଉଛି- ଯାହା ସାଧାରଣରେ ଅଶୁଭ, ଶ୍ରୀଜଗନ୍ନାଥ ଚେତନାରେ ତାହା ଅଶୁଭ ନୁହେଁ । କେବଳ ଏତିକି ନୁହେଁ; ମଳମାସର ଅନ୍ୟ ଗୋଟିଏ ନାଆଁ ହେଉଛି 'ପୁରୁଷୋତ୍ତମ ମାସ' । ବିଶେଷ ଉଲ୍ଲେଖନୀୟ ଯେ ଆଉ କେହି ନୁହନ୍ତି, ଶ୍ରୀଜଗଦୀଶ ବା ସ୍ୱୟଂ ନାରାୟଣ ହିଁ ନିଜ ନାମ ଅନୁସାରେ ଏହି ନାଆଁ ଦେଇଛନ୍ତି । 'ବୃହନ୍ନାରଦୀୟ ପୁରାଣ'ର 'ପୁରୁଷୋତ୍ତମ ମାହାତ୍ମ୍ୟ'ରେ ଏ ଉପାଖ୍ୟାନ ଅଛି । ଋଷିମାନଙ୍କର ପ୍ରଶ୍ନର ଉତ୍ତରରେ ସୁତମୁନି ଏହା କହିଛନ୍ତି । ଦେବର୍ଷି ନାରଦ ଓ ନାରାୟଣଙ୍କ ମଧ୍ୟରେ ହୋଇଥିବା କଥୋପକଥନ ଏହାର ଆଧାର । ଏହି ପୁରାଣ ପ୍ରସଙ୍ଗ ଅନୁସାରେ, ଭଗବାନ ବିଷ୍ଣୁ ବାରଟି ଭିନ୍ନ ଭିନ୍ନ ନାମରେ ବାରମାସର ଅଧିପତି ହୋଇଥାଆନ୍ତି । କିନ୍ତୁ ମଳମାସ 'ତ୍ରୟୋଦଶ ମାସ' ହୋଇଥିବାରୁ, ଏହାର କେହି ଅଧିପତି ନଥିଲେ । ସେଥିପାଇଁ ମଳମାସ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହେଲା । ତାହାର ଦୁଃଖର କାରଣ ଶୁଣି ଭଗବାନ ବିଷ୍ଣୁ କହିଲେ, "ମୁଁ ଯେପରି ତ୍ରିଲୋକରେ 'ପୁରୁଷୋତ୍ତମ' ନାମରେ ପ୍ରସିଦ୍ଧ ଓ ପରିବ୍ୟାପ୍ତ, ସେହିପରି ଏହି ଅଧିମାସ 'ପୁରୁଷୋତ୍ତମ ମାସ' ରୂପେ ପ୍ରଖ୍ୟାତ ହେବ । ମୋର ସମସ୍ତଗୁଣ ମୁଁ ଏହି ମାସକୁ ପ୍ରଦାନ କଲି । ଏଣିକି ସଂସାରରେ ଓ ଶାସ୍ତ୍ରରେ ଏହି ମାସ ମୋ ନାମରେ ପରିଚିତ ହେବ ।" ସେହିଦିନୁ ମଳମାସ 'ପୁରୁଷୋତ୍ତମ ମାସ' ଭାବରେ ପରିଚିତ ହେଲା । ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ 'ମଳମାସ ନାରାୟଣ'ଙ୍କର ଏକ ସ୍ୱତନ୍ତ୍ର ମନ୍ଦିର ଅଛି । ମଳମାସ ଗୁଡ଼ିକରେ ହିଁ ତାହାଙ୍କର ପୂଜାର୍ଚ୍ଚନା କରାଯାଇଥାଏ ।

# ଶିବଙ୍କ ବରଦାନ ରୁଦ୍ରାକ୍ଷ

ସଂସାରର ଭୌତିକ ଦୁଃଖ ଦୂର କରିବା ପାଇଁ ସ୍ୱୟଂ ଭଗବାନ ଶିବଶଙ୍କର ରୁଦ୍ରାକ୍ଷ ସୃଷ୍ଟି କରିଛନ୍ତି । ରୁଦ୍ରାକ୍ଷ ଏକ ଫଳର ମଞ୍ଜି । ଆଧ୍ୟାତ୍ମିକ କ୍ଷେତ୍ରରେ ଏହା ପ୍ରୟୋଗ କରାଯାଏ । ବିଶ୍ୱାସ କରାଯାଏ ଯେ ରୁଦ୍ରାକ୍ଷର ଉତ୍ପତ୍ତି ଭଗବାନ ଶଙ୍କରଙ୍କ ଆଖିର ଲୋତକରୁ ସୃଷ୍ଟି ହୋଇଛି । ଏହାକୁ ଧାରଣ କରିବା ଦ୍ୱାରା ସକାରାତ୍ମକ ଶକ୍ତି ମିଳିଥାଏ ।

**ରୁଦ୍ରାକ୍ଷର ନାମ ଓ ଏହାର ସ୍ୱରୂପ**

**ଏକମୁଖୀ ରୁଦ୍ରାକ୍ଷ :** ଏହି ରୁଦ୍ରାକ୍ଷରେ ଗୋଟିଏ ହିଁ ଆଖି ତଥା ଗୋଟିଏ ବିନ୍ଦୁ ରହିଛି । ଏହା ସ୍ୱୟଂ ଭଗବାନ ଶିବଙ୍କ ସ୍ୱରୂପ । ଏହା ସବୁପ୍ରକାର ସୁଖ, ମୋକ୍ଷ ଓ ଆନନ୍ଦ ପ୍ରଦାନ କରିଥାଏ ।

**ଦ୍ୱିମୁଖୀ ରୁଦ୍ରାକ୍ଷ :** ଏହି ରୁଦ୍ରାକ୍ଷ ଶ୍ରୀଗୌରୀ ଶଙ୍କର ସ୍ୱରୂପ । ଏହା ସବୁପ୍ରକାର କାମନା ପୂରଣ କରିବା ସହ ଦାମ୍ପତ୍ୟ ଜୀବନକୁ ସୁଖ, ଶାନ୍ତି ଓ ଶକ୍ତି ପ୍ରଦାନ କରିଥାଏ ।

**ତ୍ରିମୁଖୀ ରୁଦ୍ରାକ୍ଷ :** ଏହା ତେଜମୟ ଅଗ୍ନି ସ୍ୱରୂପ । ଏହା ଐଶ୍ୱର୍ଯ୍ୟ ପ୍ରଦାନ କରିବାରେ ସହାୟକ ହୋଇଥାଏ ।

**ଚତୁର୍ମୁଖୀ ରୁଦ୍ରାକ୍ଷ :** ଏହା ଶ୍ରୀ ପଞ୍ଚଦେବ ସ୍ୱରୂପ । ଏହା ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରଦାନ କରିଥାଏ ।

**ପଞ୍ଚମୁଖୀ ରୁଦ୍ରାକ୍ଷ :** ଏହି ରୁଦ୍ରାକ୍ଷ ସୁଖ ପ୍ରଦାନ କରିଥାଏ ।

**ଷଷ୍ଠମୁଖୀ ରୁଦ୍ରାକ୍ଷ :** ଏହା ଭଗବାନ ଜାଭିକେନ୍ଦ୍ର ସ୍ୱରୂପ । ପାପରୁ ମୁକ୍ତି ମିଳିବା ସହ ସନ୍ତାନ ସୁଖ ହେବାରେ ଏହି ରୁଦ୍ରାକ୍ଷ ସହାୟକ ହୋଇଥାଏ ।

**ସପ୍ତମୁଖୀ ରୁଦ୍ରାକ୍ଷ :** ଏହା ପ୍ରଭୁ ଅନନ୍ତ ସ୍ୱରୂପ । ଏହା ଦାରିଦ୍ରତା ଦୂର କରିବାରେ ସହାୟକ ହୋଇଥାଏ ।

**ଅଷ୍ଟମୁଖୀ ରୁଦ୍ରାକ୍ଷ :** ଭଗବାନ ଶ୍ରୀ ଗଣେଷ ସ୍ୱରୂପ । ଏହା ଆୟୁ ଓ ସକରାତ୍ମକ ଭାବନା ପ୍ରଦାନ କରିଥାଏ ।

**ନବମୁଖୀ ରୁଦ୍ରାକ୍ଷ :** ଭଗବତୀ ଦେବୀ ଦୁର୍ଗା ସ୍ୱରୂପ । ଏହା ମୃତ୍ୟୁର ଭୟ ଦୂର କରିଥାଏ ।

**ଦଶମୁଖୀ ରୁଦ୍ରାକ୍ଷ :** ଶ୍ରୀ ହରି ବିଷ୍ଣୁ ସ୍ୱରୂପ । ଏହା ଶାନ୍ତି ଓ ସୌନ୍ଦର୍ଯ୍ୟ ପ୍ରଦାନ କରିଥାଏ ।

**ଏଗାରମୁଖୀ ରୁଦ୍ରାକ୍ଷ :** ଏହା ବିଜୟୀ ହେବାରେ ସହାୟକ ହୋଇଥାଏ । ଜ୍ଞାନ ଓ ଶକ୍ତି ପ୍ରଦାନ କରିଥାଏ ।

**ବାରମୁଖୀ ରୁଦ୍ରାକ୍ଷ :** ଧନ ପ୍ରାପ୍ତି କରିବାରେ ସହାୟକ ହୋଇଥାଏ ।

**ତେରମୁଖୀ ରୁଦ୍ରାକ୍ଷ :** ଶ୍ରୀ ଇନ୍ଦ୍ର ସ୍ୱରୂପ । ଏହା ଶୁଭ ଓ ଲାଭ ପ୍ରଦାନ କରିବାରେ ସହାୟକ ହୋଇଥାଏ ।

**ଚଉଦମୁଖୀ ରୁଦ୍ରାକ୍ଷ :** ଏହା ସ୍ୱୟଂ ହନୁମାନ ସ୍ୱରୂପ । ସଂପୂର୍ଣ୍ଣ ପାପ ନଷ୍ଟ କରିବାରେ ଏହା ସହାୟକ ହୋଇଥାଏ ।

ବର୍ଷ ୨୭, ସଂଖ୍ୟା- ୨୮, ୯ - ୧୫ ଜୁଲାଇ ୨୦୨୩

# ଭଗବାନଙ୍କ ଭରସାରେ ରାଜ୍ୟର ପ୍ରାଥମିକ ଶିକ୍ଷା

**ଆ**ମ ରାଜ୍ୟରେ ପ୍ରାଥମିକ ଓ ମାଧମିକ ବିଦ୍ୟାଳୟର ଭିତ୍ତିଭୂମି ସୁଧାରିବା, ଶିକ୍ଷକ ନିଯୁକ୍ତି ଏବଂ ବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ଦିଆଯାଉ ନାହିଁ । ବିଦ୍ୟାଳୟ ଅବହେଳିତ ଅବସ୍ଥାରେ ଥିବାରୁ ଅଭିଭାବକ ସରକାରୀ ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢାଇବା ପରିବର୍ତ୍ତେ ଘରୋଇ ବିଦ୍ୟାଳୟରେ ନାମ ଲେଖାଉଛନ୍ତି । ଯେଉଁ ଛାତ୍ରଛାତ୍ରୀ ସରକାରୀ ବିଦ୍ୟାଳୟରେ ପଢୁଛନ୍ତି, ସେମାନଙ୍କୁ ଅବଶ୍ୟ ସରକାର ପାଠ୍ୟପୁସ୍ତକ, ପୋଷାକ ଏବଂ ଜୋତା ବଣ୍ଟନ କରୁଛନ୍ତି । କିନ୍ତୁ ଅଧିକାଂଶ ବିଦ୍ୟାଳୟର ଭିତ୍ତିଭୂମି ନ ଥିବାରୁ ବିଦ୍ୟାର୍ଥୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି ।


ରାଜ୍ୟ ସରକାର ପ୍ରତି ବିଦ୍ୟାଳୟକୁ ପାଠାଗାର ପାଇଁ ବାର୍ଷିକ ୫ହଜାର ଟଙ୍କା ଅନୁଦାନ ଦେଉଛନ୍ତି । ଉକ୍ତ ଟଙ୍କାରେ ବହି କିଣାଯିବ, ସେହି ବହିକୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଅଧୟନ କରିବେ । କିନ୍ତୁ ବିଦ୍ୟାଳୟ ଗୁଡ଼ିକର ପାଠାଗାର ଭିନ୍ନ କଥା କହୁଛି । କାଁ ଭାଁ କିଛି ବିଦ୍ୟାଳୟକୁ ଛାଡି ଦେଲେ ଅଧିକାଂଶ ବିଦ୍ୟାଳୟରେ ପାଠାଗାର ନାହିଁ । ଏଥିପାଇଁ ସ୍ୱତନ୍ତ୍ର କକ୍ଷ ନ ଥିବାରୁ ଛାତ୍ରଛାତ୍ରୀଙ୍କ ପକ୍ଷେ ପାଠାଗାରରେ ବହି ପଢିବା ସମ୍ଭବ ହେଉ ନାହିଁ । ଏଠାରେ ପ୍ରଶ୍ନ ଉଠୁଛି, ପାଠାଗାର କକ୍ଷ ନ ଥିବାରୁ ଯେଉଁ ଅର୍ଥ ଦିଆଯାଉଛି ସେଥରେ ବହି କିଣାଯାଉଛି ତ ? ଯଦି ବହି କିଣା ଯାଉଛି ତେବେ ବିଦ୍ୟାଳୟର କେଉଁଠାରେ ବହି ଗୁଡ଼ିକ ରଖାଯାଉଛି । ଶିକ୍ଷାଧିକାର ନିୟମ କହୁଛି, ପାଠାଗାର କକ୍ଷ ସହିତ କମ୍ପ୍ୟୁଟର ଏବଂ ଶିକ୍ଷକ/ ଶିକ୍ଷୟିତ୍ରୀ ଶ୍ରେଣୀକୁ ପଢାଇବାକୁ ଯିବା ପୂର୍ବରୁ ପ୍ରସ୍ତୁତି ପାଇଁ ସାଧାରଣ କକ୍ଷ (କମନ ରୁମ୍) ରହିବ । ରାଜ୍ୟରେ ମୋଟ ୪୮ହଜାର ୩୫୬ ପ୍ରାଥମିକ ଓ ମାଧମିକ ବିଦ୍ୟାଳୟ ରହିଛି । ସେଥିମଧରୁ ୪ହଜାର ୫୨ ବିଦ୍ୟାଳୟରେ କମନ ରୁମ୍ ଥିବାବେଳେ ଅବଶିଷ୍ଟ ୪୪ହଜାର ୩୦୪ ବିଦ୍ୟାଳୟରେ ଏହା ନାହିଁ । ଫଳସ୍ୱରୂପ ଶିକ୍ଷକ ଶ୍ରେଣୀକୁ ପଢ଼ାଇବାକୁ ଗଲାବେଳେ ଘରୁ ପ୍ରସ୍ତୁତ ହେବାକୁ ପଡୁଛି କିମ୍ବା ବିନା ପ୍ରସ୍ତୁତିରେ ପଢାଉଛନ୍ତି । କୁହାଯାଉଛି, ଅନେକ ବିଦ୍ୟାଳୟରେ ଶିକ୍ଷକ ବିନା ପ୍ରସ୍ତୁତିରେ ପଠାଉଥିବାରୁ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି । ବିନା ପ୍ରସ୍ତୁତରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଦିଆଯିବା କେତେ ଯୁକ୍ତିଯୁକ୍ତ ଏଥୁରୁ ଅନୁମେୟ ।

ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟରେ ଶୌଚାଳୟ ନିର୍ମାଣ କରାଯାଇଛି । ସରକାରଙ୍କ ତଥ୍ୟାନୁଯାୟୀ, ୪୭ ହଜାର ୯୯୯ ବିଦ୍ୟାଳୟରେ ଶୌଚାଳୟ ଉପଲବ୍ଧ ଥିବାବେଳେ ୩୫୭ଟି ବିଦ୍ୟାଳୟରେ ନାହିଁ । ଏସବୁ ବିଦ୍ୟାଳୟର ଛାତ୍ରଛାତ୍ରୀ ବାହାରେ ପରିସ୍ରା ଓ ମଳତ୍ୟାଗ କରୁଛନ୍ତି । ଦେଶ ତଥା ରାଜ୍ୟରେ ସ୍ୱଚ୍ଛ ଭାରତ କଥା କୁହାଯାଉ ଥିବାବେଳେ ଏଯାଏଁ ୩୫୭ ବିଦ୍ୟାଳୟରେ ଶୌଚାଳୟ ନିର୍ମାଣ କରା ନ ଯିବା ଦୁଃଖ ଓ ପରିତାପର ବିଷୟ । ଅନ୍ୟପଟେ ଯେଉଁସବୁ ଶୌଚାଳୟ ନିର୍ମାଣ ହୋଇଛି ସେଗୁଡ଼ିକୁ ପାଣି ସଂଯୋଗ ନାହିଁ ଏବଂ ନିୟମିତ ସଫା କରାଯାଉ ନାହିଁ । ଯଦି ଶିକ୍ଷକ ଶୌଚାଳୟ ପାଇଁ ଛାତ୍ରଛାତ୍ରୀଙ୍କୁ ପାଣି ବୁହାଉଛନ୍ତି ଅଭିଭାବକ ଏହାକୁ ବିରୋଧ କରୁଛନ୍ତି । କେହି ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧମରେ ଛାଡି ଦେବାରୁ ଶିକ୍ଷକଙ୍କୁ କୈଫିୟତ ଦେବାକୁ ପଡୁଛି । ତେଣୁ ଶିଶୁ ଅଧିକାର କ୍ଷୁର୍ଣ୍ଣ ହେବା ଭୟରେ ଛାତ୍ରଛାତ୍ରୀଙ୍କୁ ପାଣି ବୁହାଇବାକୁ ଉଚିତ ମନେ କରୁନାହାନ୍ତି ଶିକ୍ଷକ ।

ରାଜ୍ୟର ପ୍ରାଥମିକ ଓ ମାଧମିକ ବିଦ୍ୟାଳୟଗୁଡିକରେ ଶିକ୍ଷକ ଅଭାବ ରହିଛି । ଅନେକ ସମୟରେ ଛାତ୍ରଛାତ୍ରୀ ଓ ଅଭିଭାବକ ଶିକ୍ଷକ ପଦ ପୂରଣ ପାଇଁ ଦାବି କରୁଥିବା ବିଭିନ୍ନ ଗଣମାଧମକରେ ପ୍ରକାଶ ପାଉଛି । ସରକାର କହୁଛନ୍ତି, ଛାତ୍ରଛାତ୍ରୀଙ୍କ ଅନୁପାତରେ ଶିକ୍ଷକ ବଳକା ରହିଛନ୍ତି । ଜାତୀୟ ଶିକ୍ଷାନୀତି ଆଧାରରେ ୩୦ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିବା କଥା, କିନ୍ତୁ ୨୪ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟରେ ଜଣେ ରହିଛନ୍ତି । ଅର୍ଥାତ ମୋଟ ୧ଲକ୍ଷ ୭୭ହଜାର ୩୫୬ ଶିକ୍ଷକ ଆବଶ୍ୟକ ଥିବାବେଳେ ୧ଲକ୍ଷ ୫୬ହଜାର ୮୩୨ ଶିକ୍ଷକ ରହିଛନ୍ତି । ୨୦ହଜାର ୫୨୪ ଶିକ୍ଷକ ପଦ ଖାଲି ପଡିଛି । ଗତ ବିଧାନସଭା ବଜେଟ ଅଧିବେଶନ କାଳରେ ତତ୍‌କାଳୀନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଦୁଇଟି ପର୍ଯ୍ୟାୟରେ ୪୦ହଜାର ଶିକ୍ଷକ ପଦ ପୂରଣ କରାଯିବା ନିମନ୍ତେ ଗଣମାଧମକୁ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ ନିଜେ ଶିକ୍ଷକ ନିଯୁକ୍ତି ଘୋଷଣା କରିବେ ବୋଲି ସେ କହିଥିଲେ । ମନ୍ତ୍ରୀଙ୍କ ମନ୍ତବ୍ୟକୁ ୫ମାସ ବିତି ଯାଇଥିବା ବେଳେ ଶିକ୍ଷକ ନିଯୁକ୍ତି ପାଇଁ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନାହିଁ । ପରନ୍ତୁ, ୨୦ହଜାର ଶିକ୍ଷା ସହାୟକ ପଦ ଖାଲି ପଡିଛି । ଏଥିରୁ ସରକାରଙ୍କ କଥା ଓ କାମରେ କେତେ ଫରକ୍ ରହୁଛି ତାହା ସହଜରେ ଅନୁମେୟ । ତେଣୁ କୁହାଯାଉଛି ଶିକ୍ଷା ବ୍ୟବସ୍ଥା ଆମ ରାଜ୍ୟରେ ଭଗବାନଙ୍କ ଭରସାରେ ଚାଲୁଛି ।

# ଭାରତର ଭୂମିକା

## ମହାତ୍ମା ଗାନ୍ଧୀ



**ଭା**ରତବର୍ଷ ଦୁର୍ବଳ ବୋଲି ଯେ ତାହା ଅହିଂସାର ଆଚରଣ କରୁ ବୋଲି ମୁଁ କହୁଛି, ସେ କଥା ଆଦୌ ନୁହେଁ । ନିଜର ବଳ ଏବଂ ଶକ୍ତି ବିଷୟରେ ସଚେତନ ହୋଇ ଭାରତ ଅହିଂସାର ମାର୍ଗରେ ଯାଉ ବୋଲି ମୁଁ ଇଚ୍ଛା କରୁଛି । ଆପଣାର ବଳକୁ ଉପଲବ୍ଧି କରିବା ନିମନ୍ତେ ଅସ୍ତ୍ରଶସ୍ତ୍ରରେ କୌଣସି ପ୍ରଶିକ୍ଷଣ ଦରକାର ନାହିଁ, ଆମେ ସେହି ପ୍ରଶିକ୍ଷଣ ଦରକାର କରୁଛୁ ବୋଲି ଭାବୁ, କାରଣ ଆମେ କେବଳ ମେଞ୍ଚାଏ ଦେହ ବ୍ୟତୀତ ଆଉ ଆଦୌ କିଛି ନୋହୁଁ ବୋଲି ଭ୍ରମ କରୁଥାଉ ।

ଭାରତବର୍ଷର ଏକ ଆତ୍ମା ରହିଛି, ଯାହାର କୌଣସି ବିନାଶ ନାହିଁ ଏବଂ ଯାହାକି ଯାବତୀୟ ଶାରୀରିକ ଦୁର୍ବଳତା ଉପରେ ବିଜୟ ହାସଲ କରିପାରିବ ଏବଂ ସମଗ୍ର ପୃଥିବୀ ଏକତ୍ର ହୋଇ ତା’ ବିରୁଦ୍ଧରେ ଯୁଦ୍ଧ କରିବାକୁ ବାହାରିଲେ ମଧ ସେ ତାହାକୁ ପରାହତ କରିଦେଇ ପାରିବ - ଭାରତବର୍ଷ ଏକଥା ହୃଦୟଙ୍ଗମ କରୁ ବୋଲି ମୁଁ ଇଚ୍ଛା କରୁଛି ।

ଯଦି ଆଦୌ କୌଣସି ଦମ୍ଭ ନ କରି ଯଥାର୍ଥ ବିନୟ ସହିତ ମୋତେ କହିବାକୁ ଅନୁମତି ମିଳେ, ତେବେ ମୁଁ କହିବି ଯେ ମୋର ସନ୍ଦେଶ ଏବଂ ପ୍ରଣାଳିଗୁଡ଼ିକ ବସ୍ତୁତଃ ମର୍ମତଃ ସମଗ୍ର ପୃଥିବୀଲାଗି ଉଦ୍ଦିଷ୍ଟ ହୋଇ ରହିଛି । ଏକଥା ଜାଣି ମୋତେ ଅତ୍ୟନ୍ତ ସନ୍ତୋଷ ମିଳୁଛି ଯେ, ପାଶ୍ଚାତ୍ୟ ଜଗତରେ ବହୁ ସଂଖ୍ୟକ ତଥା ଦିନକୁ ଦିନ ଅଧିକରୁ ଅଧିକ ସଂଖ୍ୟାରେ ନର-ନାରୀଙ୍କର ହୃଦୟରେ ଏହା ଆଶ୍ଚର୍ଯ୍ୟଜନକ ଭାବରେ ଏକ ଅନୁସ୍ପନ୍ଦନ ଲାଭ କରିପାରିଛି ।

କେବଳ ଭାରତୀୟ ଜନଗଣଙ୍କ ମଧରେ ଭ୍ରାତୃତ୍ୱର ସ୍ଥାପନା ମୋ’ର ଲକ୍ଷ୍ୟ ନୁହେଁ । ମୁଁ କେବଳ ଭାରତବର୍ଷର ସ୍ୱାଧୀନତା ହାସଲ କରିବାଲାଗି ବାହାରି ନାହିଁ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ବର୍ତ୍ତମାନ କାର୍ଯ୍ୟତଃ ତାହାହିଁ ମୋର ସମସ୍ତ ଜୀବନ ଏବଂ ସମସ୍ତ ସମୟକୁ ଅଧିକାର କରି ରହିଛି । ମାତ୍ର, ଭାରତବର୍ଷର ମୁକ୍ତି ମଧଦେଇ ମୁଁ ପୃଥିବୀଯାକର ସବୁ ମଣିଷଙ୍କ ଭିତରେ ଭ୍ରାତୃତ୍ୱ ସ୍ଥାପନର ଲକ୍ଷ୍ୟଟିକୁ ଉପଲବ୍ଧି କରିବି ବୋଲି ଆଶା କରିଛି ।

ମୋ’ର ଦେଶଭକ୍ତି କାହାକୁ ହେଲେ ଆପଣା ପରିଧିର ବାହାରେ ବର୍ଜନ କରି ରଖିବାକୁ ଆଦୌ ଇଚ୍ଛା କରେ ନାହିଁ । ଏହା ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରି ରଖିଥାଏ ଏବଂ ଯେଉଁ ଦେଶଭକ୍ତି ଅନ୍ୟ ଜାତିଗୁଡ଼ିକର ଦୁଃଖବୃଦ୍ଧି ଏବଂ ଶୋଷଣ ଉପରେ ସବାର ହୋଇ ରହିବାକୁ ଇଚ୍ଛା କରୁଥାଏ, ମୁଁ ତାହାକୁ ଅବଶ୍ୟ ବର୍ଜନ କରିବି । ମୁଁ ଯେଉଁ ଦେଶଭକ୍ତିର କଳ୍ପନା କରୁଛି, ଯଦି ବୃହତ୍ତର ମାନବ ସମାଜର ସର୍ବାଧିକ ମଙ୍ଗଳ ସହିତ ସର୍ବଦା ତଥା ଗୋଟିକୁ ମଧ ବାଦ ନ ଦେଇ ତାହା ସମ୍ପୂର୍ଣ୍ଣଭାବରେ ସଙ୍ଗତି ରଖୁନଥାଏ, ତେବେ ତାହା ଆଦୌ କିଛି ନୁହେଁ ବୋଲି ମୁଁ ଅବଶ୍ୟ କହିବି ।

କେବଳ ସେତିକି ନୁହେଁ, ମୋ’ର ଧର୍ମ ଏବଂ ସେହି ଧର୍ମରୁ ନିଷ୍ପନ୍ନ ହୋଇଥିବା ମୋ’ର ଦେଶଭକ୍ତି ନିଜ ମଧରେ ସମୁଦାୟ ଜୀବନକୁ ଅନ୍ତର୍ଭୁକ୍ତ କରି ରଖିଛି । କେବଳ ମନୁଷ୍ୟ ବୋଲି ଅଭିହିତ ହେଉଥିବା ପ୍ରାଣୀମାନଙ୍କ ସହିତ ନୁହେଁ, ସମଗ୍ର ଜୀବନ, ଏପରିକି ମାଟି ଉପରେ ଘୁଷୁରି ଘୁଷୁରି ଚାଲୁଥିବା ଜୀବମାନଙ୍କ ସହିତ ମୁଁ ସମଧର୍ମିତା ତଥା ଏକାତ୍ମତା ଅର୍ଜନ କରିବାକୁ ଇଚ୍ଛା କରୁଛି ।... କାରଣ ଆମେ ସମସ୍ତେ ସେହି ଏକ ପରମେଶ୍ୱରଙ୍କ ଠାରୁ ନିଷ୍ପନ୍ନ ହୋଇ ଆସିଛୁ ଏବଂ ସେଥିଲାଗି ଯେ କୌଣସି ଆକାରରେ ଆବିର୍ଭୂତ ହୋଇଥିଲେ ମଧ ସକଳ ଜୀବନକୁ ମର୍ମତଃ ଗୋଟିଏ ବୋଲି କହିବାକୁ ହେବ ।

ମୋ’ ଭିତରେ ଏପରି ଏକ ବିଶ୍ୱାସ ପ୍ରଚ୍ଛନ୍ନ ହୋଇ ରହିଛି ଯେ, ଯଦି ମୋ’ ଜୀବନର ବ୍ରତଟି ସଫଳ ହୁଏ - ଏହା ପ୍ରକୃତରେ ସଫଳହେବ ତେବେ ଇତିହାସ ଏହାକୁ ପୃଥିବୀର ସବୁ ମଣିଷଙ୍କୁ ଏକତ୍ର କରି ଆଣିବାକୁ ଉଦ୍ଦେଶ୍ୟ ରଖିଥିବା ଏକ ଆନ୍ଦୋଳନ ରୂପେ ସ୍ୱୀକାର କରିବ । ସେମାନେ ପରସ୍ପର ଶତ୍ରୁ ହୋଇ ରହିବେ ନାହିଁ, ମାତ୍ର ଗୋଟିଏ ସମଗ୍ର ଭିତରେ ଗୋଟିଏ ଗୋଟିଏ ଅଂଶ ହୋଇ ରହିବେ ।

# ଭଗବାନ ଶିବଙ୍କ ୧୯ ଟି ଅବତାର

**ଆ**ମ ମଧରୁ ଅଧିକାଂଶ ହୁଏତ ଜାଣି ନ ଥିବେ ଯେ ପରମାତ୍ମା ଭଗବାନ ଶିବ ୧୯ଟି ଅବତାର ନେଇ ଜଗତବାସୀଙ୍କ କଲ୍ୟାଣ କରିଥିଲେ । ଶନି ପୀଡ଼ାରୁ ରକ୍ଷା ପାଇବା ପାଇଁ ପିପ୍ପଳାଦ ଅବତାରକୁ ଆରାଧନା କରାଯାଏ । ପଶୁସମାଜର ପ୍ରତିନିଧିତ୍ୱ ପାଇଁ ନନ୍ଦୀ ଅବତାର ନେଇଥିଲେ ଦେବ ଦେବ ମହାଦେବ । ସତୀ ପାର୍ବତୀ ଦକ୍ଷ ଯଜ୍ଞରେ ଆତ୍ମାହୁତି ଦେବା ପରେ ଭଗବାନ ଶିବ କ୍ରୋଧରେ ନିଜ ଜଟାରୁ କିଛି ଅଂଶ ଛିଣ୍ଡାଇଦେଇ ଫିଙ୍ଗିଦେଲେ । ଉକ୍ତ ଜଟାରୁ ଜାତ ହେଲେ ବୀରଭଦ୍ର ଅବତାର । ବ୍ରହ୍ମାଙ୍କ ଗର୍ବ ଗଞ୍ଜନ ପାଇଁ ଭୈରବ ଅବତାର ନେଇ ପ୍ରଭୁ ସଦାଶିବ ବ୍ରହ୍ମାଙ୍କ ପଞ୍ଚମ ମୁଣ୍ଡ କାଟିଥିଲେ । ବ୍ରହ୍ମ ହତ୍ୟା କରି ଭୈରବ କାଶୀ ଧାମରେ ଦୋଷମୁକ୍ତ ହୋଇଥିଲେ । ତେଣୁ କାଶୀବାସୀଙ୍କ ପାଇଁ ଭୈରବ ଆରାଧନା ଅତି ଆବଶ୍ୟକ । ଆଚାର୍ଯ୍ୟ ଦ୍ରୋଣ ଭଗବାନ ଶିବଙ୍କୁ ପୁତ୍ର ରୂପେ ପାଇବାକୁ ତପସ୍ୟା କରିଥିଲେ । ତେଣୁ ପ୍ରଭୁ ଅଶ୍ୱତଥାମା ରୂପେ ଜନ୍ମ ଗ୍ରହଣ କରିଥିଲେ । ଶରଭାବତାର ନେଇ ମହାଦେବ ପ୍ରଭୁ ନୃସିଂହଙ୍କ କ୍ରୋଧାଗ୍ନି ନିର୍ବାପିତ କରିଥିଲେ । ଏହି ଅବତାରରେ ପ୍ରଭୁଙ୍କ ଶରୀରର ଆଗ ଅଂଶଟି ଅଧା ହରିଣ ରୂପ ହୋଇଥିବାବେଳେ ପଛଭାଗଟି ଆଠ ଗୋଡ଼ଧାରୀ ପଶୁ ଥିଲା । ନର୍ମଦା ନଦୀ କୂଳସ୍ଥିତ ଧର୍ମପୁରନିବାସୀ ଋଷି ବୈଶ୍ୱାନରଙ୍କ ସ୍ତ୍ରୀ ଶୁଚିଷ୍ମତୀ ଭଗବାନ ଶିବଙ୍କୁ ପୁତ୍ର ରୂପେ ପାଇବା ଅଭିଳାଷ ରଖି ପୂଜା କରିଥିଲେ । ପ୍ରଭୁ ଶିବଙ୍କ ତାଙ୍କ ମନୋସ୍କାମନା ପୂରଣ ପାଇଁ ଗୃହପତି ଜନ୍ମ ନେଇଥିଲେ । ଋଷି ଦୁର୍ବାସା ଓ ହନୁମାନ ଅବତାର ସମ୍ପର୍କରେ କହିବା ଅନାବଶ୍ୟକ । ସେହିପରି ବୃଷଭ ଅବତାର ନେଇ ପ୍ରଭୁ ବିଷ୍ଣୁପୁତ୍ରମାନଙ୍କୁ ସଂହାର କରିଥିଲେ । ପ୍ରଭୁଙ୍କ ଯତିନାଥ ଅବତାରକୁ ଅତିଥି ମନେକରି ପୂଜା କରାଯାଏ । ଧାର୍ମିକ କାର୍ଯ୍ୟରେ ପ୍ରଭୁଙ୍କ କୃଷ୍ଣଦର୍ଶନ ଅବତାରକୁ ପୂଜା କରାଯାଏ । ଅବଧୂତ ଅବତାରରେ ପ୍ରଭୁ ଇନ୍ଦ୍ରଙ୍କ ଗର୍ବ ଭାଙ୍ଗିଥିଲେ । ସଂସାରରେ ରହୁଥିବା ପ୍ରତ୍ୟେକ



ପ୍ରାଣୀଙ୍କ ରକ୍ଷକ ଭାବେ ପ୍ରଭୁ ଭିକ୍ଷୁବର୍ଗ ଅବତାର ନେଇଥିଲେ । ଭକ୍ତଙ୍କ ପ୍ରତି ସ୍ନେହଭାବ ପ୍ରତିପାଦନ ପାଇଁ ସୁରେଶ୍ୱର ଅବତାର । କିରାତ ଅବତାରରେ ପ୍ରଭୁ ପଣ୍ଡୁପୁତ୍ର ଅର୍ଜୁନଙ୍କ ବୀରତ୍ୱ ପରୀକ୍ଷା କରିଥିଲେ । ପର୍ବତରାଜ ହିମାଳୟଙ୍କ ପୁତ୍ରୀ ପାର୍ବତୀଙ୍କ ପାଣିଗ୍ରହଣ ପାଇଁ ପ୍ରଭୁ ସୁନଟନର୍ତ୍ତକ ବେଶ ଧାରଣ କରିଥିଲେ । ସେହିପରି ବ୍ରହ୍ମଚାରୀ ଅବତାରରେ ପ୍ରଭୁ ପାର୍ବତୀଙ୍କୁ ପରୀକ୍ଷା କରିଥିଲେ । ଦେବତାଙ୍କ ଗର୍ବ ଭାଙ୍ଗିବା ପାଇଁ ସଦାଶିବ ଯକ୍ଷ ଅବତାର ନେଇଥିଲେ ।

# ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ

ଜ୍ୟୋତିର୍ଲିଙ୍ଗ ଦର୍ଶନ କରୁଥିବା ଭକ୍ତମାନଙ୍କୁ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ । ପୁରାଣରେ ବର୍ଣ୍ଣନା ଅଛି ଶିବଙ୍କୁ ଆରାଧନା କଲେ ମଣିଷର ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ । ଶିବଲିଙ୍ଗ ଉପରେ ମନ୍ତ୍ର ଓ ଜଳ ଚଢ଼ାଇଲେ ଭଗବାନ ଶଙ୍କର ପ୍ରସନ୍ନ ହୋଇଥାନ୍ତି । ୧୨ଟି ଜ୍ୟୋତିର୍ଲିଙ୍ଗକୁ ଦର୍ଶନ କରୁଥିବା ମଣିଷ ସବୁଠାରୁ ସୌଭାଗ୍ୟଶାଳୀ ହୋଇଥାଏ । ଶିବ ପୁରାଣରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ମହିମା ବିଷୟରେ ବର୍ଣ୍ଣନା କରାଯାଇଛି । ଏହି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଭାରତବର୍ଷର ବିଭିନ୍ନ ପୁଣ୍ୟତୀର୍ଥରେ ଭିନ୍ନ ଭିନ୍ନ ନାମ ବହନ କରି ପୂଜା ପାଉଛନ୍ତି । ସେଗୁଡ଼ିକ ହେଲେ– ଗୁଜୁରାଟ ସୌରାଷ୍ଟ୍ରର ସୋମନାଥ ମନ୍ଦିର, ଆନ୍ଧ୍ରପ୍ରଦେଶ ଶ୍ରୀଶୈଳର ମଲ୍ଲିକାର୍ଜୁନ ସ୍ୱାମୀ ମନ୍ଦିର, ମଧପ୍ରଦେଶ ଉଜ୍ଜୟିନୀର ମହାକାଳେଶ୍ୱର ମନ୍ଦିର, ମଧପ୍ରଦେଶ ଇନ୍ଦୋରର ଓଁକାରେଶ୍ୱର ମନ୍ଦିର, ମହାରାଷ୍ଟ୍ର ନାସିକର ଭୀମଶଙ୍କର ମନ୍ଦିର ଏବଂ ତ୍ରୈମ୍ବକେଶ୍ୱର ମନ୍ଦିର, ଦାରୁକାବନର ନାଗେଶ୍ୱର ମନ୍ଦିର, ସେତୁବନ୍ଧ (ତାମିଲନାଡୁ)ର ରାମେଶ୍ୱର ମନ୍ଦିର, ବାରଣାସୀର କାଶୀବିଶ୍ୱନାଥ ମନ୍ଦିର ଏବଂ ହିମାଳୟ ଉତ୍ତରାଞ୍ଚଳର କେଦାରନାଥ ମନ୍ଦିର । ଏଗୁଡ଼ିକ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଭାବେ ପ୍ରସିଦ୍ଧ । ଶିବଲିଙ୍ଗ ଶକ୍ତିର ପ୍ରତୀକ । ଶିବଙ୍କର ଅତିପ୍ରିୟ ପୂଜା ସାମଗ୍ରୀ ଭିତରେ ବେଲପତ୍ର, କ୍ଷୀର, ମହୁ, ଲହୁଣି, ଘିଅ, ଗଙ୍ଗାଜଳ, କର୍ପୂର, ଦୁଦୁରା ଫୁଲ, ଅରଖ ଫୁଲ, କଳା ଅପରାଜିତା, ଚମ୍ପା ଫୁଲ ପ୍ରଭୃତି ଅନ୍ୟତମ । ସବୁଠୁ ପ୍ରିୟ ବେଲପତ୍ର ।


# ସ୍ୱର୍ବେଦ

**ନାପ ଜୋଖ କର ଶବ୍ଦ କେ,**
**ପଞ୍ଚମ ଧୈଓ୍ୱତ ଆଦ ।**
**ଯହ ଅକ୍ଷର ମେଁ ବ୍ୟାପ୍ତ ହୈ,**
**ମିଥ୍ୟା ଭରମ ଓ୍ୱିଓ୍ୱାଦ ॥୧୪॥**

ଭାଷ୍ୟ - ସମସ୍ତ କ୍ଷର ଶବ୍ଦଗୁଡ଼ିକର ପଞ୍ଚମ, ଧୈବତ ଆଦି ସ୍ୱରଗୁଡ଼ିକରେ ମାପ ତଉଲ ହୋଇଥାଏ ଯାହା ଏକପାଦ ଅକ୍ଷର ଭିତରେ ହୋଇଥାଏ ଏବଂ ଯେଉଁଥିରେ ଅକ୍ଷର ବ୍ୟାପ୍ତ ହୋଇଛି । ତାହାର ଅଧାର ଅଛି ଯାହା ପ୍ରକୃତି ମଣ୍ଡଳ ଭିତରେ ରହିଛି । ଯେଉଁ କ୍ଷର ଅକ୍ଷର ଉପରେ ନିଃଶବ୍ଦ ସ୍ଥିତ ହୋଇଛି, ତାହାର ମାପ ତଉଲ କରିବା କିମ୍ବା ତା ବିଷୟରେ ବିବାଦ କରିବା ଭ୍ରମ ଏବଂ ମିଥ୍ୟା ଅଟେ ।

**ନାଦ ବିନ୍ଦ ଅନହଦ ପରେ, ସ୍ୱର**
**ମଣ୍ଡଲ ନହିଁ ହୋୟ ।**
**ପରମାକ୍ଷର ପରିବ୍ୟାପ୍ତ ହୈ,**
**ସାରଶବ୍ଦ ଗମ ସୋୟ ॥୧୫॥**

ଭାଷ୍ୟ - ନାଦ, ବିନ୍ଦ ଏବଂ ଅନହଦର ଉପରେ ଶବ୍ଦ ମଣ୍ଡଳ ନାହିଁ । ଏହି ପ୍ରାକୃତିକ ଶବ୍ଦଗୁଡ଼ିକର ମଣ୍ଡଳ ପ୍ରକୃତିରେ ନିହିତ । ପରମାକ୍ଷର ସାରଶବ୍ଦ ଏମାନଙ୍କ




ଉପରେ ପରିପୂର୍ଣ୍ଣ ଭାବରେ ବ୍ୟାପ୍ତ ହୋଇଛନ୍ତି । ସେ ହିଁ ସମସ୍ତ ଶବ୍ଦମାନଙ୍କର ଆଧାର, କାରଣ ପରମ ପୁରୁଷ ଅଟନ୍ତି ।

**ସ୍ୱତହ ସହଜ ଓ୍ୱହ ଶବ୍ଦ ହୈ,**
**ସାର ଶବ୍ଦ କହ ସୋୟ ।**
**ସବ ଶବ୍ଦୋଁ ମେଁ ଶବ୍ଦ ହୈ, ସବ**
**କା କାରଣ ସୋୟ ॥୧୬॥**

ଭାଷ୍ୟ - ଯାହା ସହଜ ଏବଂ ସ୍ୱାଭାବିକ ଶବ୍ଦ ଅଟେ ତାହା ସାରଶବ୍ଦ ଅଟେ । ଯାହା ସମସ୍ତ ଶବ୍ଦମାନଙ୍କ ଭିତରେ ବ୍ୟାପକ ସମସ୍ତଙ୍କର ଆଧାର କାରଣ ଅଟେ ।

**ଚେତନ ପରମ ଅଖଣ୍ଡ ହୈ, ଆପ**
**ହିଁ ଆପ ପ୍ରକାଶ ।**
**ଋଷି ମୁନି ଖୋଜେ ଜାହି କୋ,**
**ଶ୍ରୁତି ପ୍ରତିପାଦ୍ୟ ଓ୍ୱିକାଶ ॥୧୭॥**

ଭାଷ୍ୟ - ସେହି ପରମ ଚେତନ ସାରଶବ୍ଦ ଅଖଣ୍ଡ ଏବଂ ଅସୀମ ଅଟନ୍ତି ଓ ସେ ନିଜ ପ୍ରକାଶରେ ସ୍ୱତଃ ପ୍ରକାଶିତ ହୋଇଥାନ୍ତି । ଯାହାଙ୍କୁ ନିଜ ଯୋଗ ଯୁକ୍ତିରେ ଋଷି ମୁନି ଖୋଜିଥାନ୍ତି ଓ ବେଦରେ ଯାହା ପ୍ରତିପାଦ୍ୟ ବିଷୟ ଅଟେ, ନିଜ ଜୀବନର ବିକାଶ ନିମନ୍ତେ ତାଙ୍କର ଶରଣାପନ୍ନ ହେବାର ମହତି ପ୍ରଯତ୍ନ କରିବା ଉଚିତ ।

**କ୍ଷର ଅକ୍ଷର କୀ ଗତି ନହୀଁ,**
**ଆତମ ଅନ୍ତର ସାର ।**
**ନିଃଅକ୍ଷର ଶିରତାଜ ହୈ, ଅଜ**
**ଗୁରୁ ଓ୍ୱଦ ତତ ସାର ॥୧୮॥**

ଭାଷ୍ୟ - ଯେଉଁଥିରେ କ୍ଷର ଅକ୍ଷରର ଗତି ନାହିଁ, ଯିଏ ଆତ୍ମାର ଅନ୍ତର ଆଧାର ଅଟେ, ସେ ହି ସମସ୍ତ ଶବ୍ଦର ପତି ନିଃଅକ୍ଷର ସାରଶବ୍ଦ ଅଟନ୍ତି । ଏହି ସାରତତ୍ତ୍ୱ ଉପଦେଶ ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଅଟେ ।

**ପ୍ରକୃତି ପାର ଓ୍ୱହ ଶବ୍ଦ ହୈ,**
**ଅଗମ ଅଚିନ୍ତ୍ୟ ଅପାର ।**
**ଅନୁଭଓ୍ୱ ସହଜ ସମାଧି ମେଁ,**
**ଅଜଗୁରୁ ଚରଣ ଅଧାର ॥୧୯॥**

ଭାଷ୍ୟ - ସେହି ପ୍ରକୃତିପାର ଶବ୍ଦ ଅଗମ୍ୟ ଏବଂ ଅଚିନ୍ତ୍ୟ ଅଟେ । ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଚରଣ ଆଧାରରେ ବିହଙ୍ଗମ ଯୋଗ ସମାଧିରେ ଏହାର ଅନୁଭବ ଏବଂ ଦର୍ଶନ ହୋଇଥାଏ ।

**ଓ୍ୱନ ଓ୍ୱାଣୀ ସେ ପାର ହୈ,**
**ସାହେବ ଶବ୍ଦ ସ୍ୱରୂପ ।**
**ଯୋଗ ଜ୍ଞାନ ଗମ ସନ୍ତ କୋ,**
**ଦରଶିତ ପୁରୁଷ ଅନୂପ ॥୨୦॥**

ଭାଷ୍ୟ - ବାଣୀର ଉର୍ଦ୍ଧ୍ୱରେ ଶବ୍ଦସ୍ୱରୂପ ପରମ ପୁରୁଷ ବିଦ୍ୟମାନ । ଯୋଗବିଦ୍ୟା ବିଜ୍ଞାନ ଦ୍ୱାରା ପ୍ରଯତ୍ନ କରିବା ଦ୍ୱାରା ବିବେକୀ ସନ୍ଥକୁ ସେହି ଅନୁପମ ପୁରୁଷ ପ୍ରତ୍ୟକ୍ଷ ହୋଇଥାନ୍ତି ।

**ପରମ ତତ୍ତ୍ୱ ଓ୍ୱହ ଶବ୍ଦ ହୈ, ସାର**
**ଶବ୍ଦ ସବ ସାର ।**
**ଅନୁଭଓ୍ୱ ଭଜତେ ସନ୍ତ ହୈଁ, ଅଜ**
**ଅନାଦି ଗୁରୁ ପାର ॥୨୧॥**

ଭାଷ୍ୟ - ସମସ୍ତଙ୍କ ଠାରୁ ଉର୍ଦ୍ଧ୍ୱରେ ଏବଂ ସବୁଠାରୁ ସୂକ୍ଷ୍ମ ସେହି ସାରଶବ୍ଦ ଅଟନ୍ତି । ସନ୍ଥଜନ ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଜ୍ଞାନମାର୍ଗ ଦ୍ୱାରା ଅନୁଭବରେ ସେହି ପରମ ତତ୍ତ୍ୱର ଭଜନ କରିଥାନ୍ତି ।

# ନିଦ ହେଉ ନ ଥିଲେ କିଓ୍ୱି ଖାଆନ୍ତୁ

**କି**ଓ୍ୱି ଫ୍ରୁଟ୍ ବିଷୟରେ ଆପଣ ଅନ୍ବେହୁତେ ଜାଣିଥିବେ । ଏଥିରେ ଲାଭଦାୟକ ଫାଇବର ଭରପୁର ମାତ୍ରାରେ ରହିଛି । ଏହାର ମଞ୍ଜିକୁ ମଧ ଖୁଆଯାଇପାରେ । ମିଠା ଲାଗୁଥିଲେ ବି କିଓ୍ୱି ଫଳ ଅନ୍ୟ ଫଳଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଲେମ୍ବୁ ଏବଂ ସନ୍ତରା ଠାରୁ ବି ଅଧିକ ଭିଟାମିନ୍ 'ସି' ରହିଛି । ପ୍ରତି ଶହେ ଗ୍ରାମ କିଓ୍ୱିରେ ରହିଛି ୧୫୪ ପ୍ରତିଶତ ଭିଟାମିନ୍ ସି, ଯାହା ଲେମ୍ବୁ ଏବଂ ସନ୍ତରା ତୁଳନାରେ ଦୁଇଗୁଣ । ଭିଟାମିନ୍ ସି' ଆମ ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ରୂପେ କାମ କରିବା ସହିତ ଶରୀରରୁ କ୍ୟାନ୍ସର ଭଳି ଭୟଙ୍କର ରୋଗରୁ ରକ୍ଷାକରିଥାଏ । ଏହା ଶରୀରକୁ ସତେଜ ରଖିବାରେ ସହାୟକ ହୋଇଥାଏ । କିଓ୍ୱି ଭିଟାମିନ୍ ବି-୬ ର ସବୁଠୁ ବଡ ସୋର୍ସ । ଭିଟାମିନ୍ ବି-୬ ଆମ ଶରୀର ଏବଂ ଗର୍ଭକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଏଥି ସହିତ ବଢୁଥିବା ପିଲାମାନଙ୍କ ପାଇଁ କିଓ୍ୱି ବହୁତ ଭଲ । କିଓ୍ୱି ଫାଇବର ଭଳି ତତ୍ତ୍ୱର ସବୁଠୁ ଭଲ ସୋର୍ସ । କିଓ୍ୱି ଖାଇଲେ ପାଚନ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ । ସବୁଠୁ ବଡ଼କଥା ହେଲା କିଓ୍ୱି ବ୍ଲଡରେ ସୁଗାର ଲେବଲକୁ ବଢ଼ାଇବାକୁ ଦିଏନାହିଁ । ସେଇଥିପାଇଁ କୁହାଯାଏ ଡାଇବେଟିସ୍ ଲୋକମାନେ କିଓ୍ୱି ଖାଇବା ନିହାତି ଜରୁରୀ । ଯଦି ନିଦ ଆସୁନି କିଓ୍ୱି ଖାଇଲେ ଉପକାର ମିଳିଥାଏ ।



ସନ୍ତୋଷ ମନୋଜକୁ : ସରକାର କହୁଛନ୍ତି ଜଣେ ନାରୀ ପାଠ ପଢ଼ିଥିଲେ ସେ ଘରର ୪ ଜଣଙ୍କୁ ଶିକ୍ଷିତ କରାଇବେ । ତେଣୁ ନାରୀ ଶିକ୍ଷା ନିହାତି ଜରୁରୀ ।

**ଟିକିଏ ହସନ୍ତୁ**

**ମନୋଜ :** ସତ କଥା ତ ।
**ସନ୍ତୋଷ :** କି ସତ କଥା ? ଗୋଟିଏ ଝିଅ ପାଠ ପଢ଼ିବାବେଳେ ତା'ପାଇଁ ଯୋଉ ୧୦ଜଣ ଟୋକା ଫେଲ୍ ହେଉଛନ୍ତି, ସେ କଥା ପ୍ରତି ଗୁରୁତ୍ୱ ଦେବା କଥା କି ନାଇଁ ?

× × × × ×

**ମା ପୁଅକୁ :** ସୋଫା ବସିବା ପାଇଁ, ଶୋଇବା ପାଇଁ ନୁହଁ । ଠିକ୍‌ରେ ବସ ।
**ପୁଅ :** ମା' ଚପଲ ବି ପାଦରେ ପିନ୍ଧିବା ପାଇଁ, ମାରିବା ପାଇଁ ନୁହେଁ । ପ୍ରଥମେ ତମେ ବି ଏଇଟା ବୁଝ ।

× × × × × ×

ଝିଅ ଦେଖିବାକୁ ଆସିଥିବା ମହିଳା ଓଡିଆ ଶିକ୍ଷକ ଥିଲେ । ତେଣୁ ସେ ଝିଅ ଘର ଲୋକଙ୍କୁ କହିଲେ ଓଡ଼ିଆରେ ଆପଣଙ୍କ ଝିଅ କେତେ ଦକ୍ଷ ତାହା ଦେଖିବା ପରେ ଯାଇ ବୋହୂ କରିବି କି ନାଇଁ ନିଷ୍ପତ୍ତି ନେବି ।



**ମହିଳା ଝିଅକୁ :** ଝିଅ ତୁମର ଶିକ୍ଷାଗତ ଯୋଗ୍ୟତା କ'ଣ ?
**ଝିଅ :** ନେତ୍ର ନେତ୍ର ଚା' ।
**ମହିଳା :** ବୁଝି ପାରିଲିନି ।
**ଝିଅ :** ଆଇ ଆଇ ଟି ।

× × × × ×

**ସ୍ତ୍ରୀ :** ଯଦି ମୁଁ ହଜିଯିବି ତା'ହେଲେ ତୁମେ କ'ଣ କରିବ ?
**ସ୍ୱାମୀ :** ଖବରକାଗଜରେ ତୁମ ନିଖୋଜ ଖବର ଦେବି ।
**ସ୍ତ୍ରୀ(ଖୁସି ହୋଇ) :** ତୁମେ କେତେ ଭଲ । ଆଚ୍ଛା କ'ଣ ଲେଖିବ ?
**ସ୍ୱାମୀ :** ଯାହାକୁ ମିଳିଲା ତା'ର ।

× × × × ×

**ଚିଣ୍ଟୁ :** ଆରେ ସାଙ୍ଗ ତୁ ଏତେ ଛୋଟ ଛୋଟ ଚୁଟି କ'ଣ କାଟିଛୁ ?
**ପପୁ :** ସେଲୁନ୍ ବାଲା ପାଖରେ ତିନିଟଙ୍କା ଖୁଚୁରା ନ ଥିଲା । ମୁଁ ଆଉ ତିନିଟଙ୍କାର କାଟିଦେଲି ।

× × × × ×

ସ୍ତ୍ରୀର ଜନ୍ମଦିନରେ ସ୍ୱାମୀ : ତୁମକୁ କ'ଣ ଗିଫ୍ଟ ଦରକାର ?
ସ୍ତ୍ରୀର ଇଚ୍ଛା ଥିଲା ନୂଆ କାର ଆଣିବାକୁ ।
**ସ୍ତ୍ରୀ ଇଶାରାରେ :** ମତେ ଏମିତି ଜିନିଷ ଆଣିଦିଅ ଯେଉଁଥିରେ ମୁଁ ବସିଲା ପରେ ୨ ସେକେଣ୍ଡରେ ୦ରୁ ୮୦ ପର୍ଯ୍ୟନ୍ତ ପହଞ୍ଚିଯିବ ।
ସନ୍ଧ୍ୟାବେଳକୁ ସ୍ୱାମୀ ଓଜନ ମାପିବା ଯନ୍ତ୍ର ଆଣିଦେଲା । ସ୍ତ୍ରୀ ବେହୋସ ।

× × × × ×

ଡାକ୍ତର : ଆପଣଙ୍କ ଓଜନ କେତେ ?
ମୁନା : ଚଷମା ସହିତ ୭୫ କେଜି ।
ଡାକ୍ତର : ଆଉ ଚଷମା ବିନା ?
ମୁନା : ମତେ ଦେଖା ହିଁ ଯାଏନି ।

# ସ୍ୱାସ୍ଥ୍ୟପାଇଁ ହାନିକାରକ ମଲ୍‌ଟିଭିଟାମିନ୍

**ଆ**ଜିର ଜଞ୍ଜାଳପୂର୍ଣ୍ଣ ଜୀବନ ଏବଂ କାର୍ଯ୍ୟବ୍ୟସ୍ତତା ମଧରେ ଖାଦ୍ୟପେୟରେ ଅଧିକାଂଶ ସମୟରେ ପୋଷକ ତତ୍ତ୍ୱର ଅଭାବ ରହିଯାଏ । ଆମେରିକାର ୟୁନିଭର୍ସିଟି ଅଫ୍ ଆଲବାମାରେ ହୋଇଥିବା ଏକ ଗବେଷଣାରୁ ଜଣାପଡିଛି, ମଲଟିଭିଟାମିନ୍‌ର ସପ୍ଲିମେଣ୍ଟ ଗ୍ରହଣ କରିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡିଥାଏ । ଗବେଷଣା ପାଇଁ ୧୨ ବର୍ଷ ପର୍ଯ୍ୟନ୍ତ ୨ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା । ବୈଜ୍ଞାନିକଙ୍କ ଅନୁସାରେ, ମଲଟିଭିଟାମିନ୍‌ର ସପ୍ଲିମେଣ୍ଟ ସେବନ ଦ୍ୱାରା ହୃଦୟ ସମ୍ବନ୍ଧୀୟ ସମସ୍ୟା ଅଧିକ ଦେଖାଯାଇଥାଏ । କାରଣ ଏହି ସପ୍ଲିମେଣ୍ଟ ଗ୍ରହଣ କରୁଥିବା ଲୋକେ ହୃଦୟ ସୁସ୍ଥ ରଖିବା ନିମନ୍ତେ ଉଠାଇବାକୁ ଥିବା ଅନ୍ୟ କୌଣସି ପଦକ୍ଷେପ ଆଡ଼କୁ ଧ୍ୟାନ ଦେଇ ନଥାନ୍ତି । ମଲଟିଭିଟାମିନ୍ ସେବନ ଦ୍ୱାରା ସେମାନେ ହୃତପିଣ୍ଡର ସୁସ୍ଥତା ପ୍ରତି ନିଶ୍ଚିତ ହୋଇଯାନ୍ତି । ବ୍ୟାୟାମ, ଖାଦ୍ୟପେୟ କିମ୍ବା ଜୀବନଶୈଳୀର ପରିବର୍ତ୍ତନ ଉପରେ କୌଣସି ପଦକ୍ଷେପ ଉଠାନ୍ତି ନାହିଁ । ଏହାଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡିଥାଏ । ଏହି ଗବେଷଣା ସମ୍ପର୍କରେ ଆମେରିକାନ୍ ହାର୍ଟ ଏସୋସିଏସନ୍ ପତ୍ରିକାରେ ପ୍ରକାଶ ପାଇଛି ।

# ହର୍ମୋନ ତିଆରି କରେ ଲିଚୁ

**ଲି**ଚୁ ସ୍ୱାଦିଷ୍ଟ ସାଙ୍ଗକୁ ସୁସ୍ଥ ସ୍ୱାସ୍ଥ୍ୟର ବାହକ ମଧ । ଏହାର ସେବନ ଦ୍ୱାରା ଶରୀରରେ ଶକ୍ତି ପାଇଁ ଆବଶ୍ୟକ ଷ୍ଟେରଏଡ୍ ହର୍ମୋନ୍ ଏବଂ ହିମୋଗ୍ଲୋବିନ୍‌ର ନିର୍ମାଣ ହୋଇଥାଏ । ଲିଚୁରେ ଭିଟାମିନ୍ ସି, କ୍ୟାଲୋରୀ, କ୍ୟାଲସିୟମ୍, ମ୍ୟାଗ୍ନେସିୟମ, କାର୍ବୋହାଇଡ୍ରେଟ୍, ଭିଟାମିନ୍ ଏ, ବି କମ୍ପ୍ଲେକ୍ସ, ପଟାସିୟମ୍, ଫସଫରସ ଭଳି ଅନେକ ପୋଷକ ତତ୍ତ୍ୱ ଭରି ରହିଥାଏ । ଏଥିରେ ସାଚୁରେଟେଡ୍ ଫ୍ୟାଟ୍ ଏବଂ ସୋଡିୟମର ମାତ୍ରା ଖୁବ୍ କମ୍ ଥାଏ । ଭିଟାମିନ୍ ସି ପ୍ରଚୁର ମାତ୍ରାରେ ଥିବା କାରଣରୁ ଏହା ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟର ସ୍ରୋତ ଭଳି କାମ କରେ । ଏହାସହ ଲିଚୁ ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିପାଏ ଏବଂ ସଂକ୍ରମଣ ଆଶଙ୍କା ହ୍ରାସପାଏ । କେବଳ ସେତିକି ନୁହେଁ ବୟସର ପ୍ରଭାବ ବି ଚେହେରାରେ ଆସିବାକୁ ଦିଏ ନାହିଁ । ଦୈନନ୍ଦିନ ୪ ଟି ଲିଚୁ ସେବନ କରିବା ଉଚିତ୍ । ତେବେ ମଧୁମେହ ରୋଗୀ ଏହାର କମ୍ ମାତ୍ରା ସେବନ କରିବା ଉଚିତ୍ । କାରଣ ଏଥିରେ ସୁଗାର୍ ସ୍ତର ଅଧିକ ଥାଏ ।



# ମହିଳାଙ୍କ ପାଇଁ ଲାଭକାରୀ କସୁରୀ ମେଥି

**ଯେ**ଉଁ ମହିଳାମାନେ ପେଟ ଜନିତ ସଂକ୍ରମଣ ଭୋଗ କରୁଥାନ୍ତି, ସେମାନେ କସୁରୀ ମେଥି ସେବନ କରିବା ଉଚିତ୍ । ଏହାଛଡ଼ା ଦୈନନ୍ଦିନ କସୁରୀ ମେଥିର ସେବନ ଦ୍ୱାରା ହାର୍ଟ, ଗ୍ୟାଷ୍ଟ୍ରିକ୍ ଏବଂ ପାକସ୍ଥଳୀ ସମସ୍ୟାରୁ ମଧ ଉପଶମ ମିଳିଥାଏ । ଏଥିପାଇଁ କସୁରୀ ମେଥିକୁ ଚୁରି ସେଥିରେ କିଛି ବୁନ୍ଦା ଲେମ୍ବୁ ରସ ମିଶାଇ ସେବନ କରିବା ଉଚିତ୍ ।

**ପ୍ରସବ ପରେ ଫାଇଦା :** କସୁରୀ ମେଥି ସେବନ ପ୍ରସବ ପରେ ବେଶ୍ ଫାଇଦା ଦେଇଥାଏ । ସ୍ତନ୍ୟପାନ କରାଉଥିବା ମହିଳାମାନେ କସୁରୀ ମେଥି ସେବନ କରିବା ଉଚିତ୍ । ଏଥିରେ ଥିବା ଜରୁରୀ ତତ୍ତ୍ୱ ଶିଶୁକୁ ନିରୋଗ ରଖିଥାଏ ।

**ଏନିମିଆରୁ ରକ୍ଷା :** ଭାରତରେ ପ୍ରତି ୪ ଜଣରେ ୩ ଜଣ ମହିଳା ଏନିମିଆର ଶିକାର । ଏମିତିରେ ମହିଳାଙ୍କ ପାଇଁ କସୁରୀ ମେଥି ସେବନ ବିଶେଷ ଲାଭପ୍ରଦ । ଏଥିରେ ପ୍ରଚୁର ମାତ୍ରାରେ ଆଇରନ ଥାଏ, ଯାହା ଶରୀରରେ ହିମୋଗ୍ଲୋବିନ୍ ସ୍ତର ବୃଦ୍ଧି କରେ । ତେଣୁ ଶରୀରରେ ରକ୍ତର ପରିମାଣ କମ୍ ଥିଲେ, କସୁରୀ ମେଥିକୁ ଦୈନନ୍ଦିନ ଭୋଜନ ତାଲିକାର ହେଉ ଅବା ଚୂର୍ଣ୍ଣ କରି ସେବନ କରି ପାରିବେ ।

**ହର୍ମୋନ୍ ପରିବର୍ତ୍ତନରେ ନିୟନ୍ତ୍ରଣ :** ଶରୀରରେ ଜୀବନସାରା ହର୍ମୋନ୍ ସ୍ତର ପରିବର୍ତ୍ତନ ହେଉଥାଏ । ମହିଳାଙ୍କ ଠାରେ ଏହି ପରିବର୍ତ୍ତନ ଅଧିକ ଦେଖାଯାଏ ।



କାରଣ ଋତୁସ୍ରାବ, ଗର୍ଭାବସ୍ଥା ଆଦି କାରଣରୁ ଶରୀରରେ ଅନେକ ପ୍ରକାର ପରିବର୍ତ୍ତନ ହୋଇଥାଏ । ଏମିତିରେ କସୁରୀ ମେଥି ସେବନ ଦ୍ୱାରା ହର୍ମୋନ୍ ପରିବର୍ତ୍ତନକୁ ନିୟନ୍ତ୍ରଣରେ ରଖିହେବ ।

**ଶର୍କରା ନିୟନ୍ତ୍ରଣ କରେ :** ମଧୁମେହରେ ଆକ୍ରାନ୍ତ ହେଲେ ଶରୀର ପ୍ରତି ଅଧିକ ଯତ୍ନଶୀଳ ହେବା ଦରକାର । କାରଣଏ ସମୟରେ ଖାଦ୍ୟପେୟରେ ସାମାନ୍ୟ ଅସନ୍ତୁଳନ ଦ୍ୱାରା ଶରୀରରେ ରକ୍ତ ଶର୍କରା ସ୍ତର ଅନିୟନ୍ତ୍ରିତ ହୋଇଥାଏ । ଏହାକୁ ନିୟନ୍ତ୍ରଣରେ ରଖିବାକୁ କସୁରୀ ମେଥି ବେଶ୍ ସାହାଯ୍ୟ କରିଥାଏ । ଏଥିରେ ଥିବା ଆଣ୍ଟି ଅକ୍ସିଡାଏବିଟିକ୍ ଗୁଣ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିଥାଏ । ଏହା ଟାଇପ୍-୨ ଡାଏବିଟିସ୍ ସମ୍ଭାବନାକୁ ମଧ ହ୍ରାସ କରିଥାଏ ।

# ପୁଦିନା ପତ୍ରର ଫାଇଦା

**ଖା**ଦ୍ୟର ସ୍ୱାଦ ବଢ଼ାଇଥାଏ ପୁଦିନା ପତ୍ର । ସ୍ୱାସ୍ଥ୍ୟପାଇଁ ଏହା ବେଶ ଫଳପ୍ରଦ । ଏଥିରେ ଥିବା ଭିଟାମିନ୍ 'ଏ' ନାନା ରୋଗରୁ ଶରୀରକୁ ରକ୍ଷା କରିଥାଏ । ଶୁଖା ପୁଦିନା ପତ୍ରକୁ ଗୁଣ୍ଡ କରି ଦାନ୍ତ ମୂଳରେ ଦେଲେ ବିନ୍ଧା ଉପଶମ ହେବା ସହିତ ପାଟିରୁ ଦୁର୍ଗନ୍ଧ ଦୂର ହୋଇଥାଏ । ପୁଦିନାକୁ ଗୁଣ୍ଡ କରି ମୁହଁରେ ଲଗାନ୍ତୁ । କିଛି ସମୟ ରଖିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଯଦ୍ଦ୍ୱାରା ଚେହେରା ଉଜ୍ଜ୍ୱଳ ହେବା ସହିତ ବ୍ରଣ ମଧ ହୋଇ ନଥାଏ ।



## ଭୃଙ୍ଗରାଜ ଉପକାରିତା

କେହି କହନ୍ତି ଭୃଙ୍ଗରାଜ ଗଛ ତ କେହି କେହି କହନ୍ତି ଭୃଙ୍ଗରାଜ ଗଛ । ସୁରଭି, ଗିରି ନିମ୍ବ, କାଟିନମ, କାରିଆପେଲା, କାରେପେକୁ ପରି ଅନ୍ୟାନ୍ୟ ଭାରତୀୟ ଭାଷାରେ ମଧ ଏହାର ପୃଥକ ନାଁ ରହିଛି । ଏହା ଏକ ସୁବାସିତ ପତ୍ରଯୁକ୍ତ ବୃକ୍ଷ । ଅତିବେଶୀରେ ପାଞ୍ଚ/ଛ ମିଟର ଯାଏ ଏହା ବଢ଼ିପାରେ । ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି ବେଳେ ଭୃଙ୍ଗରାଜ ପତ୍ରକୁ ସାଧାରଣତଃ ବ୍ୟବହାର କରାଯାଇଥାଏ । ସମ୍ବର, ରସମ, କଢ଼ି, ଚଟଣି, ଛଣାଛଣି କରିବା ପାଇଁ ଛୁଙ୍କ ବା ବଘରାବଘରିରେ ଏହା ବ୍ୟବହାର କରାଯାଇଥାଏ ।

ଦକ୍ଷିଣ ଭାରତରେ ଭୃଙ୍ଗରାଜ ପତ୍ରର ବହୁଳ ବ୍ୟବହାର ଦେଖିବାକୁ ମିଳେ । ଏହି ଗଛଟିର ଉତ୍ପତ୍ତି ସ୍ଥଳ ଭାରତ ଓ ଶ୍ରୀଲଙ୍କା ବୋଲି କୁହାଯାଏ । ଆମର ବାଡିବଗିଚାରେ ଏହି ଗଛଟି ଦେଖିବାକୁ ମିଳେ । ଏହାର ପତ୍ରଗୁଡିକ ଟିକେ ନିମପତ୍ର ପରି ଦିଶୁଥିବାରୁ କେହି କେହି ଏହାକୁ ମିଠାନିମ୍ବ ବୋଲି ମଧ କହନ୍ତି । ତେବେ ତରକାରୀ ପତ୍ରରେ ଭୃଙ୍ଗରାଜ ପତ୍ର ପଡିଥିଲେ ତାହାକୁ ଅନେକ ଆଡ଼େଇ ଦେଇଥାନ୍ତି । ମାତ୍ର ଏହା ଖାଦ୍ୟ ରୂପେ କେତେ ଯେ ଉପକାରୀ ତାହା ଆମେ ଜାଣିବା ଦରକାର ।

ଭୃଙ୍ଗରାଜ ପତ୍ରରେ ଲୌହ ଏବଂ ଫଲିକ୍ ଏସିଡ୍ ରହିଛି । ଏହା ରକ୍ତହୀନତା ଦୂର କରେ । ରକ୍ତହୀନତାର ଶିକାର ହୋଇଥିବା ବ୍ୟକ୍ତି ପ୍ରତିଦିନ ଖାଲିପେଟରେ ଖଜୁରି ସହିତ ଦୁଇଟି ଭୃଙ୍ଗରାଜ ପତ୍ର ଖାଆନ୍ତୁ । ଶରୀର ପୁଷ୍ଟି ପାଇଁ ଏହା ହିତକାରୀ ।

ଅତ୍ୟଧିକ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କଠାରେ ଯକୃତ ସମସ୍ୟା ଦେଖାଦେବାର ସମ୍ଭାବନା ଖୁବ୍ ବେଶି । ଆଉ କିଛି କାରଣରୁ ମଧ ଯକୃତ ସମସ୍ୟା ଦେଖାଦିଏ । ଯଦି ଆପଣ ଲିଭର୍ ବା ଯକୃତର ସୁରକ୍ଷା ଚାହୁଁଥାନ୍ତି ତେବେ ନିୟମିତ ନିଜର ଖାଦ୍ୟରେ ଭୃଙ୍ଗରାଜ ପତ୍ର ସାମିଲ୍ କରନ୍ତୁ । ଏଥିରେ ଥିବା ଭିଟାମିନ୍ 'ଏ' ଏବଂ 'ସି' ଲିଭର୍‌ର କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ ।

ଜର୍ଣ୍ଣାଲ ଅଫ୍ ପ୍ଲାଣ୍ଟଫୁଡ୍ ଫର ନ୍ୟୁଟ୍ରିସନର ଏକ ଅଧ୍ୟୟନରୁ ଜଣାପଡ଼ିଛି ଭୃଙ୍ଗରାଜ ପତ୍ରରେ ରହିଥିବା



ଫାଇବର୍ ରକ୍ତଶର୍କରାର ସ୍ତରକୁ ହ୍ରାସ କରିଥାଏ । ଏହି ପତ୍ର ହଜମ ଶକ୍ତି ବୃଦ୍ଧି କରାଏ, ଓଜନ ହ୍ରାସ ବି କରାଏ । ତେଣୁ ମେଦବୃଦ୍ଧି ଓ ମଧୁମେହ ଆକ୍ରାନ୍ତ ବ୍ୟକ୍ତିମାନେ ଏହି ପତ୍ରକୁ ଖାଲି ପେଟରେ ହେଉ ବା ଖାଦ୍ୟରେ ହେଉ ନିଶ୍ଚୟ ଖାଇବା ଦରକାର ।

କୋଲେଷ୍ଟରଲ କମାଇବା ପାଇଁ ଏହାକୁ ରସୁଣ, ଦହି ଓ ମେଥି ସହିତ ଖିଆଯାଏ । ମଧୁମେହ ଏବଂ ଉଚ୍ଚ ରକ୍ତଚାପ ରୋଗୀ ଭୃଙ୍ଗରାଜ ପତ୍ରର ଚଟଣି ଖାଆନ୍ତୁ । ରକ୍ତରୁ କ୍ଷତିକାରକ କୋଲେଷ୍ଟରଲ କମ୍ କରିବାରେ ଏହାର ବଡ଼ ଭୂମିକା ରହିଛି । ସେହିପରି ରକ୍ତରେ ଉପଯୋଗୀ କୋଲେଷ୍ଟରଲ ବଢ଼ାଇବାରେ ମଧ ଏହାର ଆବଶ୍ୟକତା ରହିଛି । ଏହା ହୃଦ୍‌ରୋଗରୁ ରକ୍ଷା କରିଥାଏ ।

ଡାଇରିଆ ବା ଝାଡ଼ାରୋଗରେ ଆକ୍ରାନ୍ତ ବ୍ୟକ୍ତି ପାଇଁ ଭୃଙ୍ଗରାଜ ପତ୍ର ଲାଭଦାୟକ । ଏହା ପେଟର ବିଭିନ୍ନ ସମସ୍ୟାକୁ ଦୂର କରିଥାଏ ।

ଗର୍ଭଧାରଣ ପୂର୍ବରୁ ନାରୀର ଏବଂ ମାତୃଗର୍ଭରେ ଭ୍ରୂଣର ବିକାଶ ଓ ବୃଦ୍ଧିରେ ଭୃଙ୍ଗରାଜ ପତ୍ର ସହାୟକ ହୋଇଥାଏ । କାଶ ଓ ଅଧକପାଳି ଆଦି ରୋଗରୁ ରକ୍ଷା ପାଇବା ପାଇଁ ଏହାକୁ ଖାଦ୍ୟରେ ସାମିଲ୍ କରନ୍ତୁ ।

କେଶ ପାଚିବା, କେଶ ଝଡିବା ପରି ରୋଗରୁ ରକ୍ଷା କରିବା ସହ କେଶ ବଢ଼ିବାରେ ସାହାଯ୍ୟ କରିଥାଏ ଭୃଙ୍ଗରାଜ ପତ୍ର । ଏଥିପାଇଁ ଆପଣ ଏହାର ପତ୍ରକୁ ଖାଇ ପାରିବେ ଏବଂ ମୁଣ୍ଡରେ ମଧ ଲଗାଇ ପାରିବେ । କେଶକୁ ମଜଭୁତ କରିବା, ରୁପି ଦୂର କରିବା ଏବଂ କେଶକୁ ଅକାଳପକ୍ୱରୁ ରକ୍ଷା କରିବା ପାଇଁ ଭୃଙ୍ଗରାଜ ପତ୍ର ରସରେ ୧୦୦ ମିଲି ନଡ଼ିଆ ତେଲ ମିଶାଇ ତାହା କଳା ପଡିବା ଯାଏଁ ଗରମ କରନ୍ତୁ । ଏହାକୁ ମୁଣ୍ଡରେ ଲଗାନ୍ତୁ ।

## ଖାଲି ପେଟରେ ବ୍ଲାକଟି ପିଅନ୍ତୁ ନାହିଁ

ଖାଲିପେଟରେ ବ୍ଲାକ ଟି ପିଇଲେ ପେଟ ଫୁଲିଯାଇଥାଏ । ଚା'ରେ ଟେନିନ ରହିଥିବା ଯୋଗୁଁ ଏହାକୁ ଖାଲି ପେଟରେ ପିଇଲେ ବାନ୍ତି ଲାଗିଥାଏ । ଖାଲି ପେଟରେ ଚା' ପିଇବା ଦ୍ୱାରା ବଡିରେ ପ୍ରୋଟିନ ଏବଂ ଅନ୍ୟ ନ୍ୟୁଟ୍ରିଆଣ୍ଟର ଅବଜର୍ଭେସନ କମ୍ କରିଥାଏ । ଚା' ଏସିଡିକ୍, ତେଣୁ ଏହାକୁ ଖାଲି ପେଟରେ ପିଇଲେ ଏସିଡିଟି ବଢ଼ିଯାଇଥାଏ । ଏହା ଗ୍ୟାଷ୍ଟ୍ରିକ୍ ମ୍ୟୁକୋସା ବଢ଼ାଇଦେବା ଯୋଗୁଁ ଭୋକ କମ୍ ଲାଗିଥାଏ । ଦିନମାନଙ୍କରେ ୩-୪ କପ୍ ଚା ପିଉଥିବା ପୁରୁଷଙ୍କର ପ୍ରୋଷ୍ଟେଟ କ୍ୟାନସର ହେବାର ସମ୍ଭାବନା ଅଧିକ ରହିଥାଏ । ଖାଲି ପେଟରେ କ୍ଷୀର ଚା' ପିଇଲେ ଥକିପଡିବା ଭଳି ଲାଗିଥାଏ ଏବଂ ଭାରି ଚିଡିଚିଡି ଲାଗିଥାଏ । ଠିକ୍ ସେହିଭଳି ଅଧିକ ଷ୍ଟ୍ରଙ୍ଗ ଚା' ପିଇଲେ ଅଲ୍‌ସର



ହେବାର ଆଶଙ୍କା ବଢ଼ିଯାଇଥାଏ । ଖାଲି ପେଟରେ ଅଦା ଚା' ପିଇଲେ ଗ୍ୟାସ୍ ପ୍ରୋବ୍ଲେମ ହେବାର ସମ୍ଭାବନା ରହିଛି ।

## ପୁରୁଷଙ୍କ ପ୍ରଜନନ କ୍ଷମତା ବଢ଼ାଏ ଅଖରୋଟ୍

ଅଖରୋଟରେ ପ୍ରଚୁରମାତ୍ରାରେ ପୋଷଣ ଏବଂ ଶକ୍ତି ରହିଥାଏ । ଏକ ଗବେଷଣାରୁ ଜଣାପଡିଛି ଅଖରୋଟ୍ ସେବନ ଦ୍ୱାରା ପୁରୁଷଙ୍କ ପ୍ରଜନନ କ୍ଷମତା ବୃଦ୍ଧି ହୋଇଥାଏ । ସ୍ପେନର ରୋବିରା ବର୍ଜିଲି ୟୁନିଭର୍ସିଟିରେ ଏହି ଗବେଷଣା ହୋଇଥିଲା । ଗବେଷଣାରେ ଜଡିତ ବିଶେଷଜ୍ଞଙ୍କ ଅନୁସାରେ ଯେଉଁ ପୁରୁଷମାନେ ୧୪ ସପ୍ତାହ ପର୍ଯ୍ୟନ୍ତ ଦୈନନ୍ଦିନ ଅଖରୋଟ ଏବଂ ବାଦାମ ସେବନ କରନ୍ତି, ସେମାନଙ୍କ ଶୁକ୍ରାଣୁର ଗୁଣବତ୍ତା ବୃଦ୍ଧି ପାଇଥାଏ । ପ୍ରଦୂଷଣ, ଧୂମପାନ ଏବଂ ସ୍ୱାସ୍ଥ୍ୟକୁ ହାନି ପହଞ୍ଚାଉଥିବା ଔଷଧ ମଧ ଅନେକ ମାତ୍ରାରେ ପୁରୁଷଙ୍କ ପ୍ରଜନନ କ୍ଷମତା ହ୍ରାସର କାରଣ ସାଜିଥାଏ । ବିଶେଷଜ୍ଞଙ୍କ



ଅନୁସାରେ ପୂର୍ବରୁ ହୋଇଥିବା ଗବେଷଣାରୁ ଜଣାପଡିଥିଲା ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଯୁକ୍ତ ଭୋଜନ ସେବନ ଦ୍ୱାରା ପୁରୁଷଙ୍କ ପ୍ରଜନନ କ୍ଷମତା ବୃଦ୍ଧି ହୋଇଥାଏ । ଏବେ ହୋଇଥିବା ଗବେଷଣାରେ ଅଖରୋଟକୁ ସାମିଲ କରାଯାଇଛି ଯେଉଁଥିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଓମେଗା ୩ ଫ୍ୟାଟି ଏସିଡ୍ ପ୍ରଚୁର ମାତ୍ରାରେ ରହିଛି ।

## ମେଦ ବୃଦ୍ଧି କରେ ଆଇସ୍‌କ୍ରିମ୍

ଆଇସକ୍ରିମଟିଏ ଦେଖିଲେ ତାହାକୁ ଖାଇବାକୁ ପ୍ରାୟ ସବୁ ବର୍ଗର ଲୋକ ଆଗ୍ରହ ପ୍ରକାଶ କରିଥାଆନ୍ତି । ପାଟିକୁ ସିନା ଏହା ସ୍ୱାଦଯୁକ୍ତ ହେଲେ ଶରୀର ପାଇଁ ଅନେକ କ୍ଷେତ୍ରରେ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ବିଶେଷତଃ ସବୁବେଳେ ଆଇସକ୍ରିମ ଖାଇଲେ ତାହା ଅଣ୍ଡାଜନିତ ରୋଗ ବଢ଼ାଇଥାଏ । ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଆଇସକ୍ରିମ ଖାଇବା ଦ୍ୱାରା ଆମେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଉ । ତାହା ହେଲା ମେଦବହୁଳତା । ଅର୍ଥାତ୍ ଆଇସକ୍ରିମ୍ ଖାଇବା ଅଭ୍ୟାସରେ ପରିଣତ ହୋଇଗଲେ ତାହା ଧୀରେ ଧୀରେ ଓଜନ ବୃଦ୍ଧିରେ



ସହାୟକ ହୋଇଥାଏ । ଏଭଳି ଏକ ରୋଚକ ତଥ୍ୟ ସାମନାକୁ ଆଣିଛନ୍ତି କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ । ପ୍ରାୟ ନିୟମିତ ଆଇସକ୍ରିମ୍ ଖାଉଥିବା କେତେକ ବ୍ୟକ୍ତିଙ୍କର ନିୟମିତ ସମୟ ବ୍ୟବଧାନରେ ଓଜନ ପରୀକ୍ଷା କରି ସେମାନେ ଏଭଳି ତଥ୍ୟ ବିଷୟରେ ସୂଚନା ପାଇଥିଲେ ।

## ଆପଣ ଜାଣନ୍ତି କି ?

- ଦିନ ଅପେକ୍ଷା ରାତି ସମୟରେ ମସ୍ତିଷ୍କ ଅଧିକ ସକ୍ରିୟ ଥାଏ ।
- ଜନ୍ମ ପରେ ନାକ, କାନର ଆକାର ବଢ଼ିଥାଏ, ଆଖିର ଆକାର ସ୍ଥିର ରହେ ।
- ଜିଭ ସର୍ବାଧିକ ଶକ୍ତିଶାଳୀ । ମାଂସପେଶୀ ଓ ମାଢ଼ି ଅସ୍ଥି ସବୁଠୁ ଟାଣ ।
- ପୁରୁଷ ଶରୀରର ଆନୁମାନିକ ରକ୍ତ ପରିମାଣ ୬.୮ ଲିଟର୍ ଓ ମହିଳାଙ୍କର ପାଞ୍ଚ ଲିଟର ।
- ରକ୍ତପ୍ରବାହ ହେଉ ନ ଥିବା ଏକ ମାତ୍ର ଅଙ୍ଗ ଆଖିର କର୍ଣିଆ, ଏହା ବାୟୁମଣ୍ଡଳର ଅମ୍ଳଜାନ ନିଏ ।
- ପୁରୁଷଙ୍କ ତୁଳନାରେ ମହିଳାଙ୍କ ହୃଦ୍‌ସ୍ପନ୍ଦନ ଅଧିକ କ୍ଷିପ୍ର, ଆଘ୍ରାଣ ଶକ୍ତି ବି ଅଧିକ ।
- ପ୍ରତି ମିନିଟରେ ତିନି ଶହ ନିୟୁତ କୋଷ ଶରୀରରେ ସମାପ୍ତ ନିଅନ୍ତି ଏବଂ ଦିନକୁ ତିନି ଶହ କୋଟି ନୂଆ କୋଷ ଜନ୍ମ ହୁଅନ୍ତି ।
- ଶରୀରର ସମୁଦାୟ ଅସ୍ଥିର ଅଧା ରହିଛି କେବଳ ହାତ ଓ ପାଦରେ ।
- ଜୀବନକାଳ ମଧ୍ୟରେ ଜଣେ ମଣିଷର ଜିଭରୁ ଝରୁଥିବା ସମୁଦାୟ ଲାଳ ଦୁଇଟି ସନ୍ତରଣ କୁଣ୍ଡ ପାଇଁ ଯଥେଷ୍ଟ ।
- ଦଶ ବର୍ଷରେ ଥରେ କଙ୍କାଳର ଗଠନ ପ୍ରକ୍ରିୟାରେ ସ୍ୱତଃପରିବର୍ତ୍ତନ ଘଟେ ।
- ହୀରାକୁଦ ପୃଥିବୀର ଦୀର୍ଘତମ ଡ୍ୟାମ୍ ହୋଇଥିବା ବେଳେ ଏସିଆର ସବୁଠାରୁ ବଡ଼ କୃତ୍ରିମ ହ୍ରଦ ।

## କହିପାରିବେ କି ?

(୧) ରାଜନୀତି ଶାସ୍ତ୍ରର ଜନକ କିଏ ?
(୨) ରାଜନୀତି ଶାସ୍ତ୍ରର କେନ୍ଦ୍ରବିନ୍ଦୁ କ'ଣ ?
(୩) ରାଜନୀତି ବିଜ୍ଞାନର ବ୍ୟବହାରିକ ପଦ୍ଧତି କେଉଁ ଦେଶରେ ଜନ୍ମ ଲାଭ କରିଥିଲା ?
(୪) କିଏ କହିଥିଲେ ରାଜନୀତି ଏକ ନୀତି ଶାସ୍ତ୍ର ?
(୫) ୟୁରୋପରେ ରାଜନୈତିକ ଦର୍ଶନର ଜନ୍ମଦାତା କିଏ ?
(୬) ସପ୍ତମ ଶତାବ୍ଦୀରେ କେଉଁ ଲେଖକ ରାଷ୍ଟ୍ର ଓ ସରକାର ମଧ୍ୟରେ ପାର୍ଥକ୍ୟ ଦର୍ଶାଇଥିଲେ ?
(୭) ଜଣେ ବ୍ୟକ୍ତି ହସ୍ତରେ ନ୍ୟସ୍ତ ଥିବା ଶାସନ ପଦ୍ଧତିକୁ କ'ଣ କହନ୍ତି ?
(୮) ପିରାମିଡ୍ କେଉଁଠାରେ ଦେଖାଯାଏ ?
(୯) ଝୁଲନ୍ତା ସ୍ତମ୍ଭ କେଉଁଠି ଅଛି ?
(୧୦) ବକିଙ୍ଗହାମ୍ ରାଜପ୍ରସାଦ କେଉଁଠି ଅଛି ?

### JUMBLE WORDS

| | | | |
|---|---|---|---|
| 1) DANCIR | = | 6) NCUDE | = |
| 2) HEWIG | = | 7) NRILE | = |
| 3) DEUSE | = | 8) VYRSUE | = |
| 4) ETMIDU | = | 9) TRWMHA | = |
| 5) ROLDAL | = | 10) RVAYG | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଜାପାନ, ୨.ଅହମଦାବାଦ, ୩.ସାଇକୋନାଇଟ୍, ୪.ଅକ୍ସିଜେନର ପରିବହନ, ୫.ଅସ୍ଥିମଜ୍ଜା, ୬.ଆର୍ମାଡିଲୋ, ୭.୫ ଥର, ୮.୧୯୩୦ ମସିହା, ୯.ଉରୁଗ୍ୱେ, ୧୦.ସ୍ୱିଜରଲ୍ୟାଣ୍ଡ ।

***Jumble Words* ର ଉତ୍ତର :-**

(1) GECKO (2) THORAX (3) OUTBID (4) STASH (5) HENCE
(6) PAGODA (7) PONCHO (8) ELUDE (9) SNOWY (10) TIGER

## ରବି ସିଂ ଝାରସୁଗୁଡ଼ା ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ସୂଚନାଯୋଗ୍ୟ ଯେ ୨୦୧୩ ରୁ ୨୦୧୮ ପର୍ଯ୍ୟନ୍ତ ନୃସିଂହ ଢ଼େଙ୍କାନାଳ ଜିଲ୍ଲା ସଭାପତି ରହିଥିଲେ ।

ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ରୂପେ ନିଯୁକ୍ତ କରାଯାଇଛି । ଏ ପଦବୀରେ ପୂର୍ବରୁ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଥିଲେ । ମାତ୍ର ସେ ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ହେବା ପରେ ବାଲେଶ୍ୱର ପାଇଁ ନୂଆ ସଭାପତି ନିଯୁକ୍ତ ହୋଇଛନ୍ତି । ଅପରପକ୍ଷେ ପୂର୍ବତନ ସାଂସଦ ଝିନ୍ନ ହିକ୍କା କୋରାପୁଟ ଜିଲ୍ଲା ସଭାପତି ପଦ ପାଇଥିବା ବେଳେ ପ୍ରଶାନ୍ତ ଗୁପ୍ତାଙ୍କୁ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଛି । ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀଙ୍କୁ ରାଉରକେଲା ସାଂଗଠନିକ ଜିଲ୍ଲା ସଭାପତି ଭାବେ ନିଯୁକ୍ତି ପାଇଛନ୍ତି । ପୂର୍ବରୁ ରାଉରକେଲା ଜିଲ୍ଲା ସଭାପତି ପଦବୀରେ ସାରଦା ପ୍ରସନ୍ନ ନାୟକ ଥିଲେ । ତେବେ ସେ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବାରୁ ହାଲୁଙ୍କୁ ଏହି ପଦବୀ ମିଳିଛି । ଅନୁରୂପ ଭାବରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଏନ୍.ଭାସ୍କର ରାଓଙ୍କୁ ରାଜ୍ୟ ଉପ ସଭାପତି ନିଯୁକ୍ତି ଦିଆଯାଇଛି । କୋରାପୁଟ ବିଜେଡି ନେତା ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ, ଝାରସୁଗୁଡ଼ା ଉପ ନିର୍ବାଚନ ବେଳେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେଇଥିବା ମହେନ୍ଦ୍ର ନାଏକ ଓ ବିଜେପିର ଝାରସୁଗୁଡ଼ା ଜିଲ୍ଲା ସଭାପତି ଥିବା ମଙ୍ଗଲୁ ସାହୁ ଦଳରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେଇଥିବା ବେଳେ ଉଭୟଙ୍କୁ ରାଜ୍ୟ ସମ୍ପାଦକ ପଦରେ ନିଯୁକ୍ତି ଦିଆଯାଇଛି । ଅନୁରୂପ ଭାବରେ ବୌଦ୍ଧ ଜିଲ୍ଲା ବିଜେଡି ନେତା ସୁଧୀର ମହାକୁଡ଼ ଓ କଳାହାଣ୍ଡିର ବିଜେଡି ନେତା ବାବୁଲି ମଣ୍ଡଳଙ୍କୁ ସମ୍ପାଦକ ଭାବରେ ଅବସ୍ଥାପିତ କରାଯାଇଛି ।


## ସୋନପୁରର ରାମେଶ୍ୱର ଶୈବ ପୀଠ ଅବହେଳିତ

ସୋନପୁର: ଦ୍ୱିତୀୟ ବାରାଣାସୀ କୁହାଯାଉଥିବା ମନ୍ଦିର ମାଳିନୀ ସୋନପୁର ସହରରେ ଥିବା ରାମେଶ୍ୱର ଶୈବ ପୀଠ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି । ମହାନଦୀ-ତେଲ ନଦୀ ଓ କର୍ପୂର ନଦୀର ତ୍ରିବେଣୀ ସଙ୍ଗମରେ ଥିବା ଏହି ମନ୍ଦିର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ହୋଇ ରହିଛି । ରାମଚନ୍ଦ୍ର ଲଙ୍କା ବିଜୟ ପୂର୍ବକ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଏହା ସ୍ଥାପିତ ହୋଇଥିବା ବିଶ୍ୱାସ କରାଯାଏ । ପ୍ରାୟ ଖ୍ରୀ. ୧୮୬୦ରେ ଲୋକଙ୍କ ଚାନ୍ଦାରେ ଏହି ମନ୍ଦିରଟି ନିର୍ମିତ ହୋଇଥିଲା । ମନ୍ଦିର ବେଢ଼ା ଓ ପ୍ରାଚୀର ତିଲ ତରିଆ ନାମକ ଜନୈକ କୈବର୍ତ୍ତ ନିର୍ମାଣ କରିଥିଲେ । ମାତ୍ର ସ୍ଥାପତ୍ୟ ବିଶେଷତ୍ୱ ଦୃଷ୍ଟିରୁ ଏହା ରାଜସିଂହଦେବ (ଖ୍ରୀ. ୧୭୦୦-୧୭୨୫)ଙ୍କ ସମୟରେ ନିର୍ମିତ ହୋଇଥିଲା । ରାମେଶ୍ୱର ମନ୍ଦିର ବେଢ଼ାର ହନୁମାନ, ତ୍ରିବିକ୍ରମ, ଭୈରବ, ଅନ୍ନପୂର୍ଣ୍ଣା, ଦଶଭୁଜା ଦୁର୍ଗା, ବାଣେଶ୍ୱର, ଚମ୍ପେଶ୍ୱର ଓ ପାର୍ବତୀଙ୍କ ଛୋଟବଡ ମନ୍ଦିର ଅବସ୍ଥିତ । ତନ୍ମଧ୍ୟରୁ ଅମୋଘ ସିଦ୍ଧି ବୁଦ୍ଧମୂର୍ତ୍ତି ଐତିହାସିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ପୁରାତନ ରାମେଶ୍ୱର ମନ୍ଦିର ମୁଖ୍ୟ ବେଢ଼ା ଛାତ ଫାଟି ଯିବାରୁ ବର୍ଷା ପାଣି ଗଳୁଛି । ରାମେଶ୍ୱର ମନ୍ଦିରର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୂର୍ବେ କାଳେଶ୍ୱର ଟାଙ୍ଗରରେ କାଳେଶ୍ୱର ମନ୍ଦିର ବନ୍ୟାରେ ନିଶ୍ଚିହ୍ନ ହୋଇଯାଇଛି । ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଥିବା ଯଜ୍ଞକୁଣ୍ଡର ଭଗ୍ନାବଶେଷ ରହିଛି । ଯାହା ମହର୍ଷି ପର୍ଶୁରାମଙ୍କ ପ୍ରତିଷ୍ଠିତ ବୋଲି ଲୋକେ ବିଶ୍ୱାସ କରନ୍ତି । ରାମେଶ୍ୱର ମନ୍ଦିର ପାଇଁ ସ୍ୱତନ୍ତ୍ର ପୋଖରୀ ବ୍ୟବସ୍ଥା ରହିଥିଲା । ଯାହା ଅବହେଳିତ ହୋଇ ପୋତି ହୋଇଗଲାଣି । ପୁରାତନ ଐତିହ୍ୟ କୀର୍ତ୍ତିରାଜ ରାମେଶ୍ୱର ଶୈବପୀଠ ଦେଇ ରିଙ୍ଗ ରୋଡ ହେବା କଥା । ଏହାର ସ୍ଥାୟୀ ସୁରକ୍ଷା ହୋଇଥାଆନ୍ତା । କିନ୍ତୁ ଅଣଦେଖା କରାଗଲା ବୋଲି ଆସୁଥିବା ଭକ୍ତମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ସୁରକ୍ଷା ବ୍ୟବସ୍ଥା କରା ନ ଗଲେ ସ୍ଥାନୀୟ ବୈଦ୍ୟନାଥ ମନ୍ଦିର , ମହାକାଳେଶ୍ୱର ମନ୍ଦିର ପରି ଆଗାମୀ ଦିନରେ ରାମେଶ୍ୱର ମନ୍ଦିରଟି ମଧ ନଦୀ ଗର୍ଭରେ ଲୀନ ହେବ ବୋଲି ଭକ୍ତମାନେ ଆଶଙ୍କା ପ୍ରକାଶ କରୁଛନ୍ତି । ରାମେଶ୍ୱର ପୀଠରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଅତୁଳନୀୟ । ଏହି ତ୍ରିବେଣୀ ସଙ୍ଗମର ସୂର୍ଯ୍ୟ ଉଦୟ ବହୁତ ମନୋରମ । ରିଙ୍ଗରୋଡ ହେଲା ପରେ ଏହା ପ୍ରାକୃତିକ ସୌନ୍ଦର୍ଯ୍ୟ ଦୃଶ୍ୟପଟ୍ଟ ବହୁତ ମନୋରମ ହୋଇଛି । କିନ୍ତୁ ପର୍ଯ୍ୟଟନ କ୍ଷେତ୍ର ଭିତ୍ତିଭୂମି ବିକାଶ ହୋଇପାରୁନାହିଁ । ଆବଶ୍ୟକ ବ୍ୟବସ୍ଥା ଅଭାବରୁ ପର୍ଯ୍ୟଟକଙ୍କୁ ନିରାଶ ହେବାକୁ ପଡୁଛି ।



## ସମ୍ବଲପୁରରେ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ପୋର୍ଟାଲ ଲୋକାର୍ପିତ

ସମ୍ବଲପୁର: କର୍ମଜୀବୀ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ଯୋଜନାର ନୂତନ ପୋର୍ଟାଲର ଲୋକାର୍ପଣ କାର୍ଯ୍ୟକ୍ରମର ୟୁଟ୍ୟୁବ ପ୍ରସାରଣ ଦେଖିବା ନିମନ୍ତେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ



ସମ୍ବଲପୁର ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସମେତ କାର୍ଯ୍ୟାଳୟ କର୍ମଚାରୀ ଏବଂ ଉଭୟ ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ ମିଡ଼ିଆ ସାମ୍ବାଦିକ ଉପସ୍ଥିତ ଥିଲେ ।

## ଝାରସୁଗୁଡ଼ାରେ ବନମହୋତ୍ସବ



ଝାରସୁଗୁଡ଼ା: ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ପରିସରରେ ବନମହୋତ୍ସବ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଡିଏଫଓ ମନୁ ଅଶୋକ ଭଟ୍ଟ , ବିମାନ ବନ୍ଦର ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ସୁଶ୍ରୀ ନେହା ଦାସ, ତ୍ରିନାଥ ଗୁଆଲ, ତାପସ ରାୟ ଚୌଧୁରୀ ପ୍ରହ୍ଲାଦ ନାଏକ ପ୍ରମୁଖ ବନ ମହୋତ୍ସବ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ତାଳପଟିଆ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଦୀପିକା ଚଇନି ଦେଶରେ ବନ ମହୋତ୍ସବ ପାଳନର ପୃଷ୍ଠଭୂମି ଉପରେ ବକ୍ତବ୍ୟ ରଖି ଜାତୀୟ ଜଙ୍ଗଲ ଆଇନକୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି କହିଥିଲେ । ଏହି ଅବସରରେ ଜଙ୍ଗଲ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପାକେଲଖାଲ ବନ ସମିତିକୁ ପୁରସ୍କୃତ କରାଯାଇଥିଲା । ଏ ସି ଏଫ୍ ସୁଶ୍ରୀ ସସ୍ମିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉପସ୍ଥିତ ଅତିଥି , ସମବେତ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା ।

## ସମ୍ବଲପୁର ବନଖଣ୍ଡ ପ୍ରକଳ୍ପ -୨ ର ବାର୍ଷିକ ସମୀକ୍ଷା ବୈଠକ



ସମ୍ବଲପୁର : ସମ୍ବଲପୁର ବନଖଣ୍ଡର ପ୍ରକଳ୍ପ-୨ର ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଲଘୁ ବନଜାତର ପ୍ରକ୍ରିୟାକରଣ, ବନଜାତ ଦ୍ରବ୍ୟର ମୂଲ୍ୟଯୁକ୍ତ ଉତ୍ପାଦ ଉପରେ କରାଯାଇଥିବା ପ୍ରକଳ୍ପ ସାଙ୍ଗକୁ ବନାଞ୍ଚଳରେ ରହୁଥିବା ପରିବାର ପାଇଁ ହେଉଥିବା ଉନ୍ନତିମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଆରସିସିଏଫ ଟି ଅଶୋକ କୁମାର, ଡିଏଫଓ ବିଶ୍ୱନାଥ ନିଲାମ୍ବର, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ପ୍ରତିନିଧିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ । ଏହା ସହ ଏହି ପ୍ରକଳ୍ପରେ ଉପକୃତ ହେଉଥିବା ବନ ସୁରକ୍ଷା ସମିତିର ସଦସ୍ୟ ସାମିଲ ଥିଲେ । ସେହିପରି କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତି ଦ୍ୱାରା ତିଆରି ହେଉଥିବା ମୂଲ୍ୟଯୁକ୍ତ ପଦାର୍ଥର କିଛି ଷ୍ଟଲ ମଧ ଖୋଲା ଯାଇଥିଲା ।

## ଜିଲ୍ଲା ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ

ସମ୍ବଲପୁର: ଜଙ୍ଗଲ ବିଭାଗର ସମ୍ବଲପୁର ବନଖଣ୍ଡ ପକ୍ଷରୁ ଡିଏଫ୍ଓ ବିଶ୍ୱନାଥ ନୀଳାମ୍ବରଙ୍କ ସଭାପତିତ୍ୱରେ ୭୪ତମ ବନ ମହୋତ୍ସବ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆର୍‌ସିସିଏଫ୍ ଟି. ଅଶୋକ କୁମାର ବିଶିଷ୍ଟ ଅତିଥି, ପିଏମସି ପରାମର୍ଶଦାତା କୃଷ୍ଣକୁମାର କେ ନାଭାଲାଡି, ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବାୟୋ ଟେକ୍ନୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ନାଏକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପାଞ୍ଚ ଜଣ ସମାଜସେବୀଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ତୃତୀୟ ଥର ପାଇଁ ଏହି ସମ୍ମାନ ପାଇଥିବା ବେଳେ ତୁଳସୀ ମଞ୍ଜରୀ ବହିଦାର, ପ୍ରଦ୍ୟୁମ୍ନ ବିଶି, ଦେବାଶିଷ ସାହୁ ଓ ସୁନନ୍ଦା ଚାନ୍ଦଙ୍କୁ ଅତିଥି ସମ୍ମାନିତ କରିଥିଲେ । ଏଥିସହ ସାତ ଜଣ ଉତ୍ସର୍ଗୀକୃତ କର୍ମଚାରୀଙ୍କୁ ମଧ ସମ୍ମାନ ପତ୍ର ଦିଆଯାଇଥିଲା । ସମ୍ବଲପୁର ଡିଭିଜନର ଅଢ଼ାପଡ଼ା ବନ ସୁରକ୍ଷା ସମିତିକୁ ରାଜ୍ୟସ୍ତରରେ ବିଜୁ ପଟ୍ଟନାୟକ ପୁରସ୍କାର ମିଳିଥିବାରୁ ସ୍ୱାଗତ କରାଯାଇଥିଲା । ଏହା ପୂର୍ବରୁ ସମସ୍ତ ଅତିଥି ଓ ପୁରସ୍କୃତ ବ୍ୟକ୍ତିଗଣ ବୃକ୍ଷରୋପଣ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଆୟୋଜିତ ପ୍ରଦର୍ଶନୀକୁ ମଧ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ଉମାକାନ୍ତ ପୋଢ଼ ସଂଯୋଜନା କରିଥିବା ବେଳେ ଶେଷରେ ଏସଇଏଫ୍ ତେଜରାଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।



**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଅବିଭକ୍ତ ସମ୍ବଲପୁର ଜିଲ୍ଲାର ନିଗମାନନ୍ଦ ଭକ୍ତ ସମ୍ମିଳନୀ





ସମ୍ବଲପୁର : ସଦ୍‌ଗୁରୁ ଶ୍ରୀ ଶ୍ରୀ ନିଗମାନନ୍ଦ ପରମହଂସ ଦେବଙ୍କ ପ୍ରବର୍ତ୍ତିତ ସପ୍ତବିଧାନୋକ୍ତ ୩୫ତମ ଅବିଭକ୍ତ ସମ୍ବଲପୁର ଜିଲ୍ଲା ଭକ୍ତ ସମ୍ମିଳନୀ ସ୍ଥାନୀୟ ମାରଓ୍ୱାଡି ପଞ୍ଚାୟତୀ ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଏହି ଭକ୍ତ ସମ୍ମିଳନୀରେ ନଗର ପରିକ୍ରମା, ଅଧିବାସ, ଅନ୍ତରଙ୍ଗ ସଭା, ମହିଳା ସଭା, ସାଧାରଣ ଧର୍ମ ସଭା ଓ ଆନନ୍ଦ ସଭା ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ଧର୍ମସଭାରେ ଅବସରପ୍ରାପ୍ତ ପ୍ରଶାସକ ସୂର୍ଯ୍ୟ ନାରାୟଣ ପଣ୍ଡା ଅତିଥି ରୂପେ ଯୋଗ ଦେଇଥିଲେ । ଏଥିରେ ଆସାମ ବଙ୍ଗୀୟ ସାରସ୍ୱତ ମଠ (କୋକିଳାମୁଖୀ)ର ମହନ୍ତ ଶ୍ରୀମଦ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ନିଜ ଉଦ୍‌ବୋଧନୀ ଭାଷଣରେ ଶ୍ରୀମଦ୍ ଭଗବତ୍ ଗୀତାରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଦେଇଥିବା ସନ୍ଦେଶ ଉପରେ ସାରଗର୍ଭକ



ଆଲୋଚନା କରିଥିଲେ । ଆଇନଜୀବୀ ବୈକୁଣ୍ଠ ପ୍ରସାଦ ହୋତା ଅତିଥି ମାନଙ୍କ ପରିଚୟ ପ୍ରଦାନ, ଦିଲ୍ଲୀପ କୁମାର ପାଣିଗ୍ରାହୀ ଅଭୟ ବାଣୀ ପାଠ କରିଥିବାବେଳେ ଡକ୍ଟର ବିଶ୍ୱାମିତ୍ର ମହାପାତ୍ର ଏକ ସମ୍ବଲପୁରୀ ଭଜନ ପରିବେଷଣ କରିଥିଲେ । ଆସାମ ବଙ୍ଗୀୟ ସାରସ୍ୱତ ମଠର ତତ୍ତ୍ୱାବଧାରକ ସମିତିର ସଭାପତି ଅରୁଣ କର ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ ସଂକ୍ଷିପ୍ତ ଜୀବନୀ ଉପରେ ଆଲୋକପାତ କରିଥିଲେ । ଶ୍ରୀ ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଶ୍ରମ ଅଧ୍ୟକ୍ଷ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ଆଦ୍ରା ଆଶ୍ରମ ଅଧ୍ୟକ୍ଷ ସ୍ୱାମୀ ରମଣାନନ୍ଦ ସରସ୍ୱତୀ, କଦମକଣ୍ଟା ସାରସ୍ୱତ ଆଶ୍ରମର ଦେବ କୁମାର ରାଉତ ଓ ବାଲେଶ୍ୱର ଜିଲ୍ଲା ସଦସ୍ୟ ଗୋପାଳ ଜେନା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଡାକ୍ତର ଅଜିତ କୁମାର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଶତପଥୀ, ଅଯୋଧ୍ୟା ମହାରଣା, ମନୋଜ ପଣ୍ଡା, ଗୌତମ ସାହୁ ସମ୍ମିଳନୀ ପରିଚାଳନାରେ ସହଯୋଗ କରିଥିଲେ ।



# ବଲାଙ୍ଗୀରରେ ଗୁରୁପୂର୍ଣ୍ଣିମା ଉତ୍ସବ





ବଲାଙ୍ଗୀର : ଖୁଜେନପାଲି ସ୍ଥିତ ଆନନ୍ଦ ନିକେତନ ଠାରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି । ଏ ଅବସରରେ ଗୁରୁପୂଜନ ଓ ଭଜନ କୀର୍ତ୍ତନର ଆୟୋଜନ ହୋଇଥିଲା । ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କୁ ବିଭିନ୍ନ ସ୍ଥାନରୁ ଆସିଥିବା ତାଙ୍କ ଶିଷ୍ୟମାନେ ପୂଜାର୍ଚ୍ଚନା କରିଥିଲେ । ସ୍ୱାମୀ ସତ୍ୟପ୍ରଜ୍ଞା ନନ୍ଦ ଗୁରୁ ପୂର୍ଣ୍ଣିମାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ୨୦୨୨ ମସିହା ପାଇଁ ସଚୀଦାନନ୍ଦ ମିଶ୍ରଙ୍କୁ ବିଶ୍ୱାତ୍ମ ଚେତନା ସମ୍ମାନ, ବିମଳ ପ୍ରସାଦ ପାଣ୍ଡିଆଙ୍କୁ ବିଶ୍ୱାତ୍ମ ଚେତନା ସମ୍ମାନ ଏବଂ ନବୀନ କୁମାର ବେଦବାକ୍‌ଙ୍କୁ କର୍ମଯୋଗୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସ୍ୱାମୀ ସତ୍ୟବେଦାନନ୍ଦ ଏବଂ ସମ୍ବିତ କୁମାରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।



# ବିଧାୟିକାଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଭିତ୍ତିପ୍ରସ୍ତର ସ୍ଥାପନ




ଝାରସୁଗୁଡ଼ା : ଝାରସୁଗୁଡା ବ୍ଲକ ଅନ୍ତର୍ଗତ ରାଜପୁର, ଗୌଡର ମାଲ, ଲୋଇସିଂହ ପଞ୍ଚାୟତରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ରାଜପୁର ପଞ୍ଚାୟତ ସାଇ ମନ୍ଦିରରେ କଲ୍ୟାଣ ମଣ୍ଡପ ଉଦଘାଟନ କରିଥିବା ବେଳେ ଜଂଘା ବଡଦେଓ ପୁଟୁରାଡେରା ଗୁଡ଼ିରେ ପାଚେରୀ, ଗୌଡର ମାଲ ପଞ୍ଚାୟତ ବଡଯାପ ଜଳହରି ପଡ଼ାରେ ଯଜ୍ଞ ମଣ୍ଡପ, ଲୋଇସିଂହ ପଞ୍ଚାୟତ ସାଇମାଲ ରୋହିଦାଶ ପଡ଼ାରେ କଂକ୍ରିଟ ରାସ୍ତା, ଲୋଇସିଂହ ଗ୍ରାମରେ ବ୍ୟାଙ୍କିଙ୍ଗ ପାଇଁ ନୂତନ ଗୃହ, କଣ୍ଟାଟିକ୍ରା ଠାରେ ଶିବ ମନ୍ଦିରର ଉନ୍ନତିକରଣ, କୁଦୋପାଲି ପଞ୍ଚାୟତର ବୁନ୍ଦିଆ କଲୋନୀ ଠାରେ ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର, ବୁନ୍ଦିଆ କଲାନୀ ଠାରେ କାଳୀ ମନ୍ଦିରର ଛାଉଣୀ ଆଦି ବିଧାୟିକା ଉଦଘାଟନ/ ଭିତ୍ତିପ୍ରସ୍ଥର ସ୍ଥାପନ କରିଥିଲେ ।

ସେହିପରି ଶ୍ରୀମତୀ ମହାନ୍ତି ଲଖନପୁର ବ୍ଲକ ଅନ୍ତର୍ଗତ ଭଅଁରଖୋଲ, କଦମଡିହି, କତରବଗା ଏବଂ ପଲସଦା ଗ୍ରାମ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭୂମି ପୂଜନ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ।

# ସମ୍ବଲପୁରୀ ଭାଷାରେ ସାହିତ୍ୟ ସମୃଦ୍ଧ ହୋଇଛି: ହଳଧର ନାଗ

ସମ୍ବଲପୁର : ଭାଷା ସମାଜକୁ ଦିଗଦର୍ଶନ ଦେଇ କାଳଜୟୀ ସାହିତ୍ୟ ସୃଷ୍ଟି କରି ପାରେ ବୋଲି ଲୋକକବି ପଦ୍ମଶ୍ରୀ ହଳଧର ନାଗ ମତବ୍ୟକ୍ତ କରିଛନ୍ତି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୭୯ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ନାଗ କହିଥିଲେ ଯେ ସମ୍ବଲପୁରୀ ଭାଷାରେ ସାହିତ୍ୟ ବେଶ ସମୃଦ୍ଧ ହୋଇଛି । ଏହି ଭାଷାକୁ ବିଶ୍ୱ ଦରବାରରେ ପହଞ୍ଚାଇବା କ୍ଷେତ୍ରରେ ଅନେକ ଲୋକଙ୍କର ଅବଦାନ ରହିଛି । ଶ୍ରୀ ନାଗ ଉଦ୍‌ବୋଧନ ଦେଇ କହିଥିଲେ ଯେ ସମ୍ବଲପୁରୀ ସାହିତ୍ୟ ଓ ଭାଷାରେ ଯେତେ ଶବ୍ଦ ରହିଛି ଆଉ କେଉଁଠିରେ ନାହିଁ । ଉତ୍କୃଷ୍ଟ ସାହିତ୍ୟ ରଚନା କରିବା କ୍ଷେତ୍ରରେ ଉଦ୍ୟମ ଜାରି ରହିଲେ ସମ୍ବଲପୁରୀ ଭାଷା ସାମଗ୍ରୀକ କ୍ଷେତ୍ରରେ ନିଶ୍ଚିତ ସ୍ୱୀକୃତି ପାଇବ ବୋଲି ଶ୍ରୀ ନାଗ କହିଛନ୍ତି । ସମ୍ବଲପୁରୀ ଭାଷାକୁ ଅବହେଳିତ କରି ଦିଆଯାଇଛି ସିନା, ଏହାକୁ ଅଧିକ ଋଦ୍ଧିମନ୍ତ କରିବାର ସମୟ ଆସିଛି । ତେଣୁ ଆଗାମୀ ଦିନରେ ଶହ ଶହ ହଳଧର ନାଗ ସୃଷ୍ଟି ହୁଅନ୍ତୁ ଏବଂ ବିଶ୍ୱ ଦରବାରରେ ଏ ଭାଷା ଓ ଏ ମାଟିର ମମତାକୁ ପହଞ୍ଚାଇବାକୁ ପ୍ରୟାସ ଜାରି ରଖନ୍ତୁ ବୋଲି ସେ ମା’ ସମଲେଇଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉପ କୁଳସଚିବ ପ୍ରଫେସର ଉମାଚରଣ ପତି ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଯୁଗଳେଶ୍ୱରୀ ଦାଶ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାଶ ଓ ବିତ୍ତ ନିୟନ୍ତ୍ରକ କନକଲତା ଏକ୍କା ମଞ୍ଚାସୀନ ଥିଲେ । ଏହି ଅବସରରେ ୧୬ ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସ୍ମାରକୀ ପୁରସ୍କାର ବଣ୍ଟନ କରାଯାଇଥିଲା ।



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ୭୯ତମ ପ୍ରତିଷ୍ଠା ଦିବସ

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra